بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 1

ସଂଖ୍ୟା 10-11

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 12 ମଇ/ 19 ମଇ 2016- 12 ହିଜ୍‌ରତ/19 ହିଜରତ 1395 ହି:କ1437 ହି.ଶ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ବଡ଼ ଚିନ୍ତାର ବିଷୟ ମୋର ବିପକ୍ଷ ଗୋଷ୍ଠି ପ୍ରତ୍ୟେକ ସମୟରେ ମୋର ଅନିଷ୍ଟ ଚିନ୍ତା କରି ହତାଶ ହେଉଛନ୍ତି, ମାତ୍ର କେବେହେଲେ ଅନୁଭବ କରୁନାହାନ୍ତି କି ଏ ଲୋକ ପଛରେ ଏକ ଅଦୃଶ୍ୟ ହାତ ରହିଛି ଯାହା ତାକୁ ପ୍ରତ୍ୟେକ ଆକ୍ରମଣରୁ ରକ୍ଷା କରୁଛି । ଦୁର୍ଭାଗ୍ୟର ବିଷୟ ଏହା ସେମାନଙ୍କ ପାଇଁ ଏକ ଐଶ୍ୱରୀୟ ଚିହ୍ନ । କାରଣ ତାଙ୍କର ପ୍ରତ୍ୟେକ ଆକ୍ରମଣରୁ ଅଲ୍ଲାଃତାଲା ରକ୍ଷା କଲା ଏବଂ ପୁର୍ବରୁ ସୁଚନା ମଧ୍ୟ ଦେଲା ଯେ ତୋତେ ମୁଁ ହିଁ ରକ୍ଷା କରିବି ।**

## ହଜରତ ମସିହ ମଉଦ[ଅ.ସ]ଙ୍କ ନୀତି ବାଣୀ

ଅଲ୍ଲାଃତାଲାଙ୍କ ନବୀଙ୍କୁ ମାନିବା ଏବଂ ଅଲାଃତାଲା ଉପରେ ବିଶ୍ୱାସ ଆଣିବା ଗୋଟିଏ ମୁଦ୍ରାର ଉଭୟ ପାର୍ଶ୍ୱ, ଏହା ଏକ ଅଭିନ୍ନ ପ୍ରକ୍ରିୟା, ଯେଉଁ ବ୍ୟକ୍ତି ନବୀଙ୍କୁ ନ ମାନି, ଅଲ୍ଲାଃଙ୍କୁ ମାନିବାର ଦାବିକରେ ତା ନିକଟରେ ମାତ୍ର ଏକ ରସ ବିହିନ ସୁଖିଲା ହାଡ଼ ଥାଏ ଏବଂ ସେ ହାତରେ ଆଲୋକ ବିହିନ ଦୀପ ଧରିଥାଏ । ଯେଉଁଥିରେ କୌଣସି ଆଲୋକ ନଥାଏ । ଯଦି କୌଣସି ବ୍ୟକ୍ତି ଅଲ୍ଲାଃତାଲାକୁ କାହାରି ସମାନ କରାଇଦିଏ ନାହିଁ ଏବଂ ନବୀ କରିମ୍ [ସ୍ୱ:ଆ:ସ]ଙ୍କୁ ଅମାନ୍ୟ କରି ମୁକ୍ତି ପାଇଯିବ, ପ୍ରକୃତରେ ତା'ର ହୃଦୟ କଠୋର ଏବଂ ଆଖି ଥାଇ ଅନ୍ଧ ଅଲ୍ଲାଃତାଲାଙ୍କ ବିଷୟରେ ସେ କିଛି ଜାଣି ନାହିଁ, ଯଦି କୌଣସି ବ୍ୟକ୍ତି ମୁହମ୍ମଦ୍ [ସ୍ୱ:ଆ:ସ]ଙ୍କ ଶିକ୍ଷାର ବ୍ୟତିରେକ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସ ଆଣିପାରିବ ତାହା ଅସମ୍ଭବ । ଉକ୍ତ ବ୍ୟକ୍ତି ଜଣେ ବିଧର୍ମୀ ଅଟେ । ଦୁଃଖର ବିଷୟ ମୋର ବିଦ୍ରୋହିମାନେ ଏଭଳି ମୌଲବୀ ଓ ଜ୍ଞାନୀ ବୋଲାଉଥିବା ଲୋକମାନଙ୍କ କଥାରେ ପଡ଼ି ଖୁସି ହୁଅନ୍ତି, ମାତ୍ର ସେମାନେ ପ୍ରତ୍ୟେକ ସମୟରେ ଏପରି ମୌକା ଖୋଜୁଥାଆନ୍ତି ଏଭଳି କିଛି ବିଷୟବସ୍ତୁ ମିଳୁ ଯଦ୍ୱାରା ମୋର ଗ୍ଲାନି ଓ ସମ୍ମାନ ହାନୀ ଭଳି କାର୍ଯ୍ୟ ହେଉ । ମାତ୍ର ସେମାନେ ନିଜର ଦୁର୍ଭାଗ୍ୟରୁ ହତାସ ହୋଇଥାଆନ୍ତି । ୨୦୦ ମୌଲବୀ ମୋ ବିପକ୍ଷରେ ଛିଡ଼ା ହୋଇ ମୋତେ କାଫୀର୍ (ବିଧର୍ମୀ)ର ଆଖ୍ୟା ଦେଇଥିଲେ, ଅନ୍ୟ କେତେକ ମୌଲବୀ ମୋତେ ୟହୁଦି ଓ ନସାରାଠାରୁ ବଳି ଧିକ୍କାର କରିବା ସହ ମୋର ଅନୁଗାମୀମାନଙ୍କୁ କବର ସ୍ଥାନରେ ଦଫନ, ସଲାମ କରିବା, ମସଜିଦ୍‌ରେ ପ୍ରବେଶକୁ ମଧ୍ୟ ବାରଣ କରିଦେଲେ । ଏପରିକି ଯଦି ଅହମଦିମାନେ କୌଣସି ମସଜିଦ୍‌ରେ ପ୍ରବେଶ କରନ୍ତି ତେବେ ମସ୍‌ଜିଦ୍ ଧୋଇ ସଫା କରି ଦିଅନ୍ତି । ଅହମଦିମାନଙ୍କ ପଛରେ ନମାଜ ପାଠ କରିବା ଉଚିତ୍ ନୁହେଁ, ଅହମଦୀମାନଙ୍କ ଧନ ସମ୍ପତି ଛଡ଼ାଇ ନିଅ, ଏମାନଙ୍କୁ ହତ୍ୟାକର,କାରଣ ମେହେଦି ରକ୍ତପାତ ବିରୁଦ୍ଧ ଧର୍ମ ଯୁଦ୍ଧକୁ ରଦ୍ଦ କରେ । ମାତ୍ର ଏଭଳି ଫତୱା ଦ୍ୱାରା କ'ଣ ବା ଆମର କ୍ଷତି ହେଲା ? ଯେଉଁ ସମୟରେ ଏଭଳି ସବୁ ବିରୁଦ୍ଧା ଭାବ ପ୍ରକାଶ ପାଇଲା ସେ ସମୟରେ ମୋ ନିକଟରେ ୧୦ଜଣ ମଧ୍ୟ ବୟତ୍ କରିନଥିଲେ । ମାତ୍ର ଅଲ୍ଲାଃତାଲାଙ୍କ ଖାସ୍ ଫଜଲରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ମାନ୍ୟକାରୀ ମୋ ଜମାତ୍‌ରେ ଅଂଶଗ୍ରହଣ କରିବା ସହ ବହୁ ସଂଖ୍ୟାରେ ଲୋକେ ଦୃତ ଗତିରେ ସତ୍ୟର ସନ୍ଧାନକରି ଏହି ଯମାତରେ ଅଂଶଗ୍ରହଣ କରୁଅଛନ୍ତି । କଣ ସତ୍ୟବାଦୀଙ୍କ(ମୁକାବିଲା)ରେ କାଫିର୍‌ମାନଙ୍କ ଅଲ୍ଲାଃତାଲା ସାହାଯ୍ୟ କରେ ? ପୁଣି ଆମ ଉପରେ ମିଥ୍ୟା ଦୋଷାରୋପ କରୁଛନ୍ତି କି, ମୁଁ ୨୦କୋଟି କଲମା ପଢୁଥିବା ମୁସଲମାନଙ୍କୁ କାଫିରରେ ପରିଣତ କରିଦେଲି ବୋଲି । ତାଙ୍କର ମୌଲବୀମାନେ ପଞ୍ଜାବ ଓ ସମଗ୍ର ଭାରତରେ ଆମମାନଙ୍କୁ କାଫିର ଘୋଷଣା କରିବା ସହିତ ଆମମାନଙ୍କ ସହ କେବେହେଲେ ଭଦ୍ର ବ୍ୟବହାର ମଧ୍ୟ କରନ୍ତି ନାହିଁ ଏବଂ ଆମମାନଙ୍କ ସହ କଥା ହେବା ମଧ୍ୟ ପାପ ବୋଲି କହନ୍ତି । ମାତ୍ର କୌଣସି ମୁସଲମାନ ଏହା କେବେ ହେଲେ କହିପାରିବେ ନାହିଁ ଯେ ଆମ୍ଭେ ତାଙ୍କୁ ପ୍ରଥମେ କାଫିର ବୋଲି କହିଛୁ କିମ୍ବା କୌଣସି ପତ୍ର ପତ୍ରିକା ମାଧ୍ୟମରେ ଆମେ ସେମାନଙ୍କ ଉଦ୍ଦେଶ୍ୟରେ କାଫିର ବୋଲି ଘୋଷଣା କରିଛୁ । ଯଦି ତା ନ ହୋଇଛି ତେବେ ସେମାନେ ପ୍ରମାଣ ଦିଅନ୍ତୁ ଓ ଚିନ୍ତା କରନ୍ତୁ, ସେମାନେ କି ପ୍ରକାର ଅପପ୍ରଚାର କରୁଛନ୍ତି । ପୁଣି ମୁଁ ମୁସଲମାନମାନଙ୍କୁ କାଫିର କରିଦେଲି । ଏଭଳି ଅପପ୍ରଚାର ଦ୍ୱାରା ହୃଦୟ ବିଦାରିତ ହୁଏ । ଯେଉଁ ବ୍ୟକ୍ତି ମୁସଲମାନଙ୍କୁ କାଫିର ବୋଲି କୁହେ, ତାହା ଓଲଟି ତା' ଉପରେ ପଡ଼େ, କ'ଣ ଏହା ଆମ ପାଇଁ ପ୍ରଯୁଜ୍ୟ ନୁହେଁ କି ଆମେ ତାଙ୍କୁ କାଫିର କହିପାରିବା ।

କିଛି କ୍ଷଣ ଆନନ୍ଦ ସେମାନେ ଅନୁଭବ କଲେ ମାତ୍ର ଯେତେବେଳେ ଆମ ଯମାତ ସମଗ୍ର ଦେଶରେ ପ୍ରସାର ଲାଭ କରିଗଲା ସେତେବେଳେ ପୁଣି ଏବେ ନୁତନ ଯୋଜନା ଖୋଜି ଚାଲିଲେ ।

ସେହି ସମୟରେ ମୋର ଭବିଷ୍ୟବାଣୀ ଅନୁଯାୟୀ ଆର୍ଯ୍ୟ ସମାଜୁ ପଣ୍ଡିତ 'ଲେଖରାମ'ଙ୍କୁ କେହି ଜଣେ ହତ୍ୟା କରିଦେଲା । ସେତେବେଳେ କୌଣସି ମୌଲବୀଙ୍କୁ ଏହି ଭବିଷ୍ୟବାଣୀର ସତ୍ୟତା ନେଇ ଚିନ୍ତା ହେଲା ନାହିଁ ଯେ ଏହା ଏକ ଇସଲାମୀୟ ଚିହ୍ନ ପୁରଣ ହେଲା ବୋଲି । ଏହା ଅତି ଦୁଃଖର ବିଷୟ ଯେ ଯେତେ ସରକାରଙ୍କୁ ବାରମ୍ବାର ଅଭିଯୋଗ କଲେ ବି କାହିଁକି ଭବିଷ୍ୟବାଣୀ କରିଥିବା ବ୍ୟକ୍ତିଙ୍କୁ ନ ଧରା ଯାଉଛି । ମାତ୍ର ସେଥିରେ ମଧ୍ୟ କୃତକାର୍ଯ୍ୟ ହୋଇପାରିଲେ ନାହିଁ । କିଛିଦିନ ପରେ ଖ୍ରୀଷ୍ଟିୟାନ୍ ପାଦ୍ରୀ ମାର୍ଟିନ କ୍ଲାର୍କ ମୋ ବିରୁଦ୍ଧରେ ଏକ ହତ୍ୟା ମୋକଦ୍ଦମା ଦାଏର କରିଦେଲା । ସେତେବେଳେ ସେମାନେ ଖୁସିରେ ଉତ୍‌ଫୁଲିତ ହୋଇ ଉଠିଲେ । କେତେକ ମସ୍‌ଜିଦ୍‌ରେ ସଜ୍‌ଦାରେ ପଡ଼ି ମୋର ଫାଶି ପାଇଁ କାଳିଦୁଆ ମଧ୍ୟ ମାଗିଲେ ମାତ୍ର ଅଲ୍ଲାଃତାଲା ତାର କଥା ମୁତାବକ ମୋତେ ବଡ ଇଜତ୍‌ର ସହ ଏଥିରୁ ମୁକୁଳାଇଦେଲା ଏବଂ ଅଦାଲତ୍ ଖ୍ରୀଷ୍ଟିୟାନ୍‌ଙ୍କ ବିରୁଦ୍ଧରେ ମାନହାନୀ ମୋକଦ୍ଦମା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲା । ଯଦ୍ୱାରା ମୋର ବିରୁଦ୍ଧାଚରଣ କରୁଥିବା ମୌଲବୀ ଓ ନାମୀ ଦାମି ଲୋକ ସବୁ ଲଜ୍ଜିତ ହୋଇଥିଲେ ।

ପୁଣି କିଛିଦିନ ପରେ କରମଦ୍ଦିନ ନାମକ ଜଣେ ବ୍ୟକ୍ତି ଗୁରଦାସପୁରରେ ମୋ ବିରୁଦ୍ଧରେ କମିଶନର ଆତ୍ମାରାମଙ୍କ ଅଦାଲତରେ ଏକ ମୋକଦ୍ଦମା ଦାଖଲ କରିଦେଲା ଏବଂ ସେମାନେ ସମ୍ପୁର୍ଣ୍ଣ ବଳ ପ୍ରୟୋଗ କରି କିପରି ମୋତେ ଦୋଷୀ ସାବସ୍ତ୍ୟ କରିବେ, ଯେଉଁଥିରେ ବିଚାର ପତି ଆତ୍ମାରାମ କିଛି ନ ବୁଝି ମୋତେ ଦୋଷୀ ସାବସ୍ତ୍ୟ କରି ଦଣ୍ଡ ଦେବାର ନିଷ୍ପତି ନେଇଥିଲା, ମାତ୍ର ମୋର ଅଲ୍ଲାଃ ମୋତେ ଜଣେଇଦେଲା ଯେ, ନିଶ୍ଚୟ ଆତ୍ମାରାମ ତା'ର ଭୁଲ ନିଷ୍ପତି ଯୋଗୁ ପୁତ୍ର ଶୋକରେ ପଡ଼ିବ, ଯାହା ମୁଁ ଜମାତର ଭାଇମାନଙ୍କୁ ଶୁଣାଇ ଦେଇଥିଲି । ଠିକ୍ ୨୦ ରୁ ୨୫ ଦିନ ମଧ୍ୟରେ ତାର ୨ ପୁତ୍ର ମୃତ୍ୟୁ ବରଣ କରିଲେ, ଯଦ୍ୱାରା ଆତ୍ମାରାମ ଦଣ୍ଡାଦେଶର ନିଷ୍ପତି ନେଇଥିଲେ ହେଲେ କେବଳ ୭୦୦ ଟଙ୍କା ଜୋରିମନା ଦେବାପାଇଁ ନିର୍ଦ୍ଦେଶ ଦେଲା । ମାତ୍ର ମୁଁ ଡେପୁଟି ଜଜ୍‌ଙ୍କ ପାଖରେ ଅପିଲ କରି ନିର୍ଦ୍ଦୋଷରେ ଖଲାସ ହେଲି, କିନ୍ତୁ କରମଦ୍ଦିନ୍‌କୁ ଦଣ୍ଡ ମିଳିଲା ଏବଂ ଆତ୍ମାରାମର ୨ ପୁତ୍ର ଆଉ ଫେରିଲେ ନାହିଁ ।

କରମଦ୍ଦିନ୍‌ର ମୋକଦ୍ଦମା ଦ୍ୱାରା ଯେଉଁ ମୌଲବୀମାନଙ୍କର ବହୁ ଆଶା ଥିଲା ତାହା ପୁରଣ ହୋଇପାରିନଥିଲା । ମାତ୍ର ମୋର ପୂର୍ବ ପ୍ରକାଶିତ ପୁସ୍ତକ 'ମଓ୍ୱାହିବୁର ରହ୍‌ମାନ'ରେ ଏହା ଛପାଯାଇଥିଲା ଯେ ମୋତେ ନିର୍ଦ୍ଦୋଷରେ ଖଲାସ କରାଗଲା ଏବଂ ମୋର ଜୋରିମନା ଫେରସ୍ତ କରାଗଲା । ମିଥ୍ୟାରେ ମୋ ଉପରେ ଦଣ୍ଡ ଦେଇଥିବା ହାକିମକୁ ଭର୍ତ୍ସନା କରାଗଲା କି ଏ କାର୍ଯ୍ୟ ଏକ ଗର୍ହିତ କାର୍ଯ୍ୟ ଅଟେ । କିନ୍ତୁ କରମଦ୍ଦିନ୍‌କୁ ମୋ ପୁସ୍ତକ ଅନୁଯାୟୀ ଦଣ୍ଡ ମିଳିଗଲା ଏବଂ ଅଦାଲତର ରାୟ ଦ୍ୱାରା ତାଙ୍କ ଉପରେ କଜ୍ଜାବ୍ (ମିଛୁଆ) ର ମୋହର ଲାଗିଗଲା ଏବଂ ଆମର ସମସ୍ତ ବିରୋଧୀ ମୌଲବୀ ନିଜ ଉଦ୍ଦେଶ୍ୟରେ ବିଫଳ ହେଲେ । ଦୁଃଖର ବିଷୟ ମୋର ବିରୋଧୀ ବାରମ୍ବାର ବିଫଳ ହେବା ସତ୍ତ୍ୱେ ମୋ ବିଷୟରେ କାହାକୁ ଏ ଚିନ୍ତା ହେଲା ନାହିଁ ଯେ ଏହି ବ୍ୟକ୍ତି ପଛରେ କୌଣସି ଏକ ଅଦୃଶ୍ୟ ହାତ ଅଛି ଏବଂ ପ୍ରତ୍ୟେକ ଆକ୍ରମଣରୁ ତାକୁ ରକ୍ଷା କରୁଛି । ଯଦି ଦୁର୍ଭାଗ୍ୟ ହୋଇ ନଥାନ୍ତା ତାହାହେଲେ ଏହା ତାଙ୍କ ପାଇଁ ଏକ ଅଲୌକିକ ଘଟଣା ଥିଲା ଯେ ତାଙ୍କର ପ୍ରତ୍ୟେକ ହମଲାରୁ ମୋତେ ସୁରକ୍ଷିତ ରଖିଲା ଏବଂ ନା କେବଳ ରକ୍ଷାକଲା, ପରନ୍ତୁ ପ୍ରଥମରୁ ଏହାର ଖବର ମଧ୍ୟ ଦେଇଥିଲା ଯେ, ସେ ମୋର ରକ୍ଷା କରିବ ଏବଂ ପ୍ରତ୍ୟେକ ମୋକଦ୍ଦମାରେ ଅଲାଃତାଲା ମୋତେ ଜଣାଇ ଆସୁଛି ଯେ, 'ମୁଁ ତୋତେ ରକ୍ଷା କରିବି' । ତେଣୁ ସେ ତାର ପ୍ରତିଜ୍ଞା ଦ୍ୱାରା ମୋତେ ରକ୍ଷା କରି ଆସୁଛି । ଏହା ହିଁ ଅଲ୍ଲାଃତାଲାଙ୍କର ଶକ୍ତିର ନିଦର୍ଶନ ଯେ ଗୋଟିଏ ପଟେ ସଂସାରବାସୀ ମୋର ନାଶ କରିବା ପାଇଁ ଏକାଠି ହୋଇଥିଲାବେଳେ ଆରପଟେ ସେହି ଶକ୍ତିଶାଳୀ ଅଲ୍ଲାଃ ଅଛନ୍ତି ଯିଏକି, ପ୍ରତ୍ୟେକ ଆକ୍ରମଣରୁ ମୋର ରକ୍ଷା କରୁଛି ।

(ହକିକତୁଲ୍ ଓ୍ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୨୨-୧୨୫)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ସମ୍ପାଦକୀୟ.........

## ହଜ ଏକ ତ୍ୟାଗପୂତ ଉପାସନା

**(ପବିତ୍ର ହଜ୍ ଅବସରରେ)**

ଇସଲାମ ଧର୍ମର ପାଂଚୋଟି ମୌଳିକ ନୀତି ମଧ୍ୟରେ ହଜ ହେଉଛି ଶେଷ କର୍ମଭିତିକ ଉପାସନା । ଏହା ମୁସଲିମ କ୍ୟାଲେଣ୍ଡରର ଶେଷମାସ 'ଜିଲ୍ ହଜ'ର ୮, ୯ ଓ ୧୦ ତାରିଖ ତିନିଦିନ ଧରି ଆରବର ମକ୍କା ସହରରେ ଔପଚାରିକ କାର୍ଯ୍ୟବିଧି ଅନୁସାରେ ସଂପାଦନ କରାଯାଏ । ହଜ ପାଳନର ତୃତୀୟ ଦିବସକୁ 'ଇଦ୍-ଉଲ୍-ଜୁହା' ବା ବଳିଦାନର ପର୍ବ ରୂପେ ଚଳିତ ମାସ ୨୪ ତାରିଖ ଦିନ ସର୍ବତ୍ର ପାଳିତ ହେଉଛି । ତେବେ ହଜ ଶବ୍ଦର ତାତ୍ପର୍ଯ୍ୟ ହେଉଛି 'କୌଣସି ପବିତ୍ର ପୀଠ ଅଭିମୁଖେ ଯାତ୍ରା କରିବା' । ଏହା ମୁସଲମାନମାନଙ୍କ ନିଷ୍ଠାପର ସାଧନାର ପ୍ରତୀକ ହୋଇଥିବାରୁ ଯାତ୍ରା ନିରାପଦ ଓ ସମ୍ବଳ ଥିଲେ ଜୀବଦ୍ଦଶାରେ ଅନ୍ତତଃ ଥରେ ହେଲେ ହଜ୍ କରିବା ପାଇଁ ପବିତ୍ର କୋରାନ ନିର୍ଦ୍ଦେଶ ଦେଇଛି **(ଆଲେ-ଇମ୍ରାନ୍ ୯୮)** । ଗତବର୍ଷ ପ୍ରାୟ ୪୦ ଲକ୍ଷ ହାଜି ମକ୍କା ଯାଇଥିଲେ, ତନ୍ମଧ୍ୟରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ଭାରତୀୟ ଥିଲେ ।

ତେବେ ହଜ ଏକ ସ୍ୱଚ୍ଛ ଓ ଶୁଦ୍ଧପୂତ ଉପାସନା ଏବଂ ମକ୍କା ଏକ ଆନ୍ତର୍ଜାତିକ ତୀର୍ଥଭୂମି - ଏଥିରେ ସନ୍ଦେହ ନାହିଁ । ପବିତ୍ର ଖାନା କା'ବା ଅଲ୍ଲାଃଙ୍କ ପାଇଁ ସର୍ବ ପ୍ରଥମ ଗୃହ, ଯାହାର ନିର୍ମାଣ ହଜରତ ଆଦମ୍ ଭାରତର ପଶ୍ଚିମରେ ସ୍ଥିତ ଶରଣ ଦ୍ୱୀପରୁ ଯାଇ ପ୍ରଥମେ କରିଥିଲେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । କାଳକ୍ରମେ ତାହାର ଭଗ୍ନାବଶେଷ ଉପରେ ଏକାଧିକ ବାର ପୁନଃନିର୍ମାଣ କରାଯାଇଛି । ତାହା ୧୫.୨୫ ମିଟର ଉଚ୍ଚତା ବିଶିଷ୍ଟ ଏକ ବର୍ଗାକାର କ୍ଷେତ୍ର ସ୍ୱରୂପ ପୁରାତନ କାଳରୁ ରହିଆସିଛି । ତେବେ ମୁସଲମାନମାନଙ୍କ ମନରେ ଆନ୍ତର୍ଜାତିକ ଭ୍ରାତୃଭାବ ସୃଷ୍ଟି କରିବା ଏବଂ ତୀର୍ଥଯାତ୍ରୀମାନଙ୍କ ମନରେ ଏକ ପରମବ୍ରହ୍ମ ଅଲ୍ଲାଃଙ୍କୁ ଜୀବନର କେନ୍ଦ୍ରବିନ୍ଦୁ ରୂପେ ଅଙ୍କିତ କରିବା ହେଉଛି ଏହି ହଜଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ।

ମୃତ ଶବାଧାର ଉପରେ କଫିନ୍ ଗୁଡାଇ ହେବା ପରି ଦୁଇଟି ବିନା ସିଲାଇର ଧଳା କପଡାରେ ଫୁଙ୍ଗୁଳା ଶରୀରକୁ ସେମାନେ ଏପରି ଆଚ୍ଛାଦିତ କରିଥାନ୍ତି, ଲାଗୁଥାଏ ସତେ ଯେମିତି ହାଜି ମାନେ ମୃତ୍ୟୁଲୋକରୁ ଉଠି ଆସିଛନ୍ତି । ସଂସାରର ମୋହମାୟା ଛାଡି ମସ୍ତକ ମୁଣ୍ଡନ କରି ଏପରି ସନ୍ୟାସୀ ବେଶ ଧାରଣ କରିବାରୁ ଅନ୍ୟ ଅର୍ଥରେ 'ଏହରାମ୍' କୁହାଯାଏ ।

ପବିତ୍ର କୋରାନ ଅନୁଯାୟୀ ଆଜିକୁ ପ୍ରାୟ ୪୦୦୦ବର୍ଷ ପୂର୍ବେ ଅବତାରମାନଙ୍କ ପିତୃପିତାମହ ହଜରତ ଇବ୍ରାହିମ, ପତ୍ନୀ ହାଜରା ଓ ବାଳୁତ ପୁଅ ଇସମାଇଲ ଈଶ୍ୱରଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୟାଗ ଓ ବଳିଦାନର ଯେଉଁ ଅପୂର୍ବ ନିଦର୍ଶନ ଦେଖାଇ ଯାଇଛନ୍ତି, ତାହା ମାନବ ଇତିହାସରେ ଏକ ବିରଳ ଘଟଣା । ସାତ ତପସ୍ୟା କରି ବୃଦ୍ଧାବସ୍ଥାରେ ପାଇଥିବା ସେହି ଅଳିଅଳ ପୁଅକୁ ନିଜ ଚକ୍ଷୁ ସମ୍ମୁଖରେ ସ୍ୱହସ୍ତରେ ବଳି ପକାଉଥିବାର ଏକ ରୋମାଂଚକର ସ୍ୱପ୍ନାନୁଭୂତିକୁ ସାର୍ଥକ କରିବା ପାଇଁ ପିତା ଇବ୍ରାହିମ ଈଶ୍ୱରଙ୍କ ଆଜ୍ଞା ପାଇ ସୁଦୂର ସିରିଆ(ଶାମ)ଦେଶରୁ ନିଜ ପତ୍ନୀ ଓ କୋଳାଗ୍ରତ ଶିଶୁପୁତ୍ରକୁ ସାଙ୍ଗରେ ଧରି ଏକ ଅନାବାଦି ଶୁଷ୍କ ମରୁଅଂଚଳନ-ମକ୍କାରେ ଆଣି ଅତି ଅସହାୟ ଅବସ୍ଥାରେ ଛାଡି ଚାଲି ଯାଇଥିଲେ, ଯାହା ମୃତ୍ୟୁମୁଖକୁ ଠେଲି ଦେବା ସହିତ ସମାନ ଥିଲା**(ଇବ୍ରାହିମ୍:୩୮)** । 'ତୁମେ ନିଶ୍ଚିତ ରୂପେ ନିଜ ସ୍ୱପ୍ନକୁ ସାବ୍ୟସ୍ତ କରିଛ' **(ଅଲ-ସାଫ୍ଫାତ ୧୦୩-୧୦୬)** ସେହି ମହାନ ଅଗ୍ନି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଭକ୍ତର ଆତ୍ମ ନିବେଦନକୁ ମନେ ପକାଇ ପ୍ରଭୁଙ୍କ କୃପା ଅନ୍ୱେଷଣ କରିବା ହେଉଛି ହଜଯାତ୍ରାର ମୁଖ୍ୟ ଆକର୍ଷଣ ।

ଯେପରି କାବା ଉପାସନା ଗୃହ ତୀର୍ଥ ଯାତ୍ରାର କେନ୍ଦ୍ରବିନ୍ଦୁ, ସେହିପରି ମକ୍କା ସହର ଠାରୁ ୧୧ କି.ମି. ଦୂରରେ ଅବସ୍ଥିତ ମିନା ଠାରେ ହଜର ଶୁଭାରମ୍ଭ ହୋଇଥାଏ । ମିନା ଠାରୁ ଆସି ଖାନା କା'ବା ଏବଂ ସଫା ମରୁଆ ନାମକ ଦୁଇଟି ପାହାଡ ମଧ୍ୟରେ ସାତ ଥର ପରିକ୍ରମା କରାଯାଏ । କିମ୍ବଦନ୍ତୀ ଅନୁଯାୟୀ ସେହି ନିର୍ଜନ ବାଲୁକାମୟ ସ୍ଥାନରେ ମାତାପୁତ୍ରଙ୍କ ଦୁଇଟି ତୃଷାର୍ତ୍ତ ପ୍ରାଣ ପାଣି ଟୋପାଏ ପିଇବା ପାଇଁ ଛଟପଟ ହେଉଥିଲା ଓ ବାତ୍ସଲ୍ୟମୟୀ ମାତା ପାଣି ସନ୍ଧାନରେ ଉହକ ବିକଳ ହୋଇ ସେହି ପାହାଡ ଦ୍ୱୟ ଉପରେ ଦୌଡୁଥିଲେ । କିନ୍ତୁ ପ୍ରଭୁଙ୍କର ଏ କି ଅଦ୍ଭୁତ ଲୀଳା ! ସେ ନିରାଶ ହୋଇ ଶିଶୁ ପୁତ୍ର ପାଖକୁ ଫେରି ଆସନ୍ତେ 'ଆବ୍ ଜମ୍ ଜମ୍' (ଏ ପାଣି ତୁ ରହିଯା)ର ଶାନ୍ତ ଶୀତଳ ମଧୁର ଜଳର କ୍ଷୁଦ୍ର ଝରଣାଟିଏ ପୁଅର ନରମ ପାଦ ତଳୁ ସୃଷ୍ଟି ହୋଇ ଈଶ୍ୱରଙ୍କ ଅଲୌକିକ ମହିମାକୁ ଉଦ୍‌ଭାସିତ କରୁଥିଲା । ଯେଉଁଠାରେ ଦିନେ ଦୁବଟିଏ କଅଁଳ ନ ଥିଲା ସେଠାରେ ଆଜି ମକ୍କା ସହର ଗଢି ଉଠିଛି । ଏହାକୁ 'ଉମ୍ମୁଲ କୀରା' (Mother Town) କୁହାଯାଉଛି । ହାଜିମାନେ ସେହି ରୋମାଂଚକର ଘଟଣାର ସ୍ମୃତିଚାରଣ କରି ଏହା ଚାରିପଟେ ସାତଥର 'ତୌଆଫ' କରନ୍ତି । ଏକ କୋଣରେ ଖଞ୍ଜା ହୋଇଥିବା କୃଷ୍ଣକାୟ ପଥର 'ହଜରେ ଅଶୱଦ' (Sacred Black stone)କୁ ଚୁମ୍ବନ ବା ସ୍ପର୍ଶ କରିଥାନ୍ତି । ଏହା ଯୁଗ ଯୁଗ ଧରି ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ବିଦ୍ୟମାନ ଥାଇ ଏକ ବ୍ରହ୍ମଙ୍କ ଅସ୍ତିତ୍ୱର ଜ୍ୱଳନ୍ତ ସ୍ୱାକ୍ଷର ବହନ କରିଥାଏ । ସେହିପରି 'ବୈତୁଲ୍ଲାଃ' (House of Allah) ର ଦର୍ଶନ ଲାଭ କଲେ ଶାନ୍ତି ଓ ନିରାପତା ବଳୟ ମଧ୍ୟରେ ରହିବାର ପ୍ରତିଶ୍ରୁତି ଦେଇ ପବିତ୍ର କୋରାନ ମକ୍କା ସହରର ସୁରକ୍ଷା ଘୋଷଣା କରୁଅଛି **(ଆଲେ ଇମ୍ରାନ ୯୭)** ଏହା ପୃଥିବୀର ଏକମାତ୍ର ସ୍ଥାନ ଯେଉଁଠାରେ ଦିନରାତି ୨୪ଘଂଟା ଅଲ୍ଲାଃଙ୍କ ଉପାସନା କରାଯାଉଛି । ପୁଣି ହାଜିମାନେ ମକ୍କାରୁ ୧୫ କି.ମି. ଦୂରବର୍ତୀ 'ଅରଫାତ୍' ନାମକ ବିଶାଳ ମଇଦାନରେ ରୁଣ୍ଡ ହୋଇ ଏକାଗ୍ର ଚତରେ ପ୍ରାର୍ଥନା କରିଥାନ୍ତି ଓ ସେଠାରୁ 'ମୁଜଦଲଫା' କୁ ପ୍ରତ୍ୟାବର୍ତନ କରନ୍ତି ଏବଂ ଶେଷରେ ମୀନାଠାରେ କୁର୍ବାନି ଦେଇ ହଜ ବିଧି ସମ୍ପନ୍ନ ହୋଇଥାଏ ।

ଉତ୍ସର୍ଗୀକୃତ ତ୍ୟାଗର ଭାବନା ଆଗରେ ଜୀବନର ମୂଲ୍ୟ କିଛି ନୁହେଁ, ଏହା ପ୍ରତ୍ୟେକ ହାଜି ନିଜ ଜୀବନରେ ପ୍ରତିଫଳିତ କରିଥାନ୍ତି । ଅର୍ଥାତ ମଣିଷ ପ୍ରାଣ ଭରି ଭଲ ପାଉଥିବା ନିଜର ଧନ, ଜୀବନ, ସମ୍ମାନ ଏପରିକି ସମୟ ଆସିଲେ ନିଜ ସନ୍ତାନଙ୍କୁ ମଧ୍ୟ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିବା ପାଇଁ ଦୃଢ ମାନସିକତା ସୃଷ୍ଟି କରିପାରିବେ । ବାହ୍ୟ ଉପଚାର ସ୍ୱରୂପ କେବଳ କୁର୍ବାନୀ (ଜୀବ ବଳୀ) ଦେଇ ଦେଲେ ହଜ୍‌ର ଅସଲ ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ଯେପର୍ଯ୍ୟନ୍ତ ମଣିଷ ମଣିଷକୁ ଭଲ ପାଇବା, ଭାଇଚାରା, ମୈତ୍ରୀ ଓ ଅହିଂସାର ପଥ ଅବଲମ୍ବନ କରା ନ ଯାଇଛି ଏବଂ ଆତ୍ମ ବଳିଦାନର ସମର୍ପିତ ଭାବନା ହୃଦୟରେ ସୃଷ୍ଟି ନ ହୋଇଛି । ଯେତେବେଳେ ମନୁଷ୍ୟ ଜାତି ବର୍ଣ୍ଣ ସ୍ଥାନ ନିର୍ବିଶେଷରେ ହଜ ପରି ଏହି ତ୍ୟାଗପୁତ ଉପାସନାକୁ କର୍ମଭିତିକନ କରିଛି, ହଜ ଯାତ୍ରାର ଲକ୍ଷ୍ୟ ସାଧନ ହେବ ନାହିଁ । ପତି, ପତ୍ନୀଙ୍କ ମହାନ କର୍ତବ୍ୟ ଆଗରେ ପୁଅର ମୋହ ତୁଚ୍ଛ ହୋଇ ରହିଗଲା । ସେମାନେ ଆତ୍ମୋତ୍ସର୍ଗର ଯେଉଁ ଆଧାତ୍ମିକ ଦିଗ୍‌ଦର୍ଶନ ପୃଥିବୀକୁ ଦେଖାଇ ଗଲେ, ଏହାର ଫଳ ସ୍ୱରୂପ ତାଙ୍କ ବଂଶରେ ଷଷ୍ଠ ଶତାବ୍ଦୀ ବେଳକୁ ଇସଲାମ ଧର୍ମର ପ୍ରାଣ ପ୍ରତିଷ୍ଠାତା ହଜରତ ମହମ୍ମଦ ବିଶ୍ୱ ବନ୍ଦିତ ଜଗତଗୁରୁ ରୂପେ ଧରାପୃଷ୍ଠକୁ ଓହ୍ଲାଇ ଆସିଥିଲେ । ସେ ଅବତାରବାଦର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ମାନବ ଜଗତକୁ ପ୍ରେମ, ଶାନ୍ତି ଓ ତ୍ୟାଗର ଏକ ସଂପୂର୍ଣ୍ଣ ମାନବାଦର୍ଶର ଗୌରବମୟ ଶିକ୍ଷା ଦେଇ ଯାଇଛନ୍ତି । ହଜ ପାଳନ ଶେଷରେ ତାଙ୍କର ସମାଧି ପୀଠ ମଦିନାସ୍ଥିତ 'ମସଜିଦ ନବଵି' ଦର୍ଶନ କରି ୪୦ ଲକ୍ଷ ହଜଯାତ୍ରୀ ସର୍ବ କୁଶଳରେ ଫେରି ଆସନ୍ତୁ । ଏତିକି ଆମର ଶୁଭ କାମନା ।

**- ଇଂ. ରୌଶନ୍ ଖାନ୍ ସହକାରୀ ନିର୍ବାହୀ ଯନ୍ତ୍ରୀ**

***ପୃଷ୍ଠା-୧୧ ର ଅବଶିଷ୍ଟାଂଶ........***

ତେବେ ତାହା ନମାଜ ଶିଖାଇଥାଏ । ହଜୁର କୁହନ୍ତି ପୁନର୍ବାର ମୁଁ ତୁମକୁ କହୁଛି ଯେ, ଯଦି ଅଲ୍ଲାଃତାଲାଙ୍କ ସହ ପ୍ରକୃତ ଓ ନିଷ୍ଠାର ସମ୍ପର୍କ ଯୋଡିବାକୁ ଚାହୁଁଛ ତେବେ ନମାଜ ସଠିକ୍ ଓ ନିୟମିତ ଭାବରେ ପାଠକର ଏବଂ ଏଭଳି ପାଠକର ଯେ ତୁମକୁ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଓ ଆତ୍ମା, ଭାବନା, ଚେତନା ସବୁକିଛି ନମାଜ ହୋଇଯିବ ।

(ମଲ୍‌ଫୁଜାତ ଭାଗ-୧, ପୃଷ୍ଠା-୧୭୦)

ହଜରତ ମସିହ ମଉଦ ଆ.ସ କୁହନ୍ତି ଯେପର୍ଯ୍ୟନ୍ତ ଜଣେ ସମ୍ପୂର୍ଣ୍ଣ ଭାବରେ ଏକେଶ୍ୱରବାଦରେ ସୁଦୃଢ ହୋଇ ନାହିଁ ସେପର୍ଯ୍ୟନ୍ତ ତା ହୃଦୟରେ ଇସଲାମ ପ୍ରତି ପ୍ରେମ ଓ ଶ୍ରେଷ୍ଠତାର ଭବନା ବସା ବାନ୍ଧି ନଥାଏ । ଆପଣ ଆହୁରି କୁହନ୍ତି କି ଅଲ୍ଲାଃ ଆମକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ପ୍ରତ୍ୟେକ ନମାଜ ସଠିକ୍ ଭାବରେ ପାଠ କରିବା ସହ ନିଜର (ଆନ୍ତରିକତା ଓ ସ୍ୱଇଚ୍ଛାର ସହ) ନମାଜର ପ୍ରକୃତ କର୍ତବ୍ୟ ସମ୍ପାଦନକାରୀ ହେଉ ।......

# ଖୁତ୍‌ବା ଜୁମା

- ଆମେ ଆମର ଜୀବନ ଚରିତ ଉପରେ ଦୃଷ୍ଟି ଦେବା ଉଚିତ୍ କି ଆମେ ସେହି କାର୍ଯ୍ୟ କରିବା ଯାହାକୁ କରିବା ପାଇଁ ଅଲ୍ଲାଃତାଲା ଏବଂ ତାର ରସୁଲ ଆମକୁ ଅନୁମତି ଦେଉଛନ୍ତି ।
- ଏପରି ସ୍ୱପ୍ନ ଯାହା ପବିତ୍ର କୋରାନ ବା ରସୁଲ କରିମ୍ ସ୍.ଆ.ସ ଙ୍କ ଫଂତ୍‌ୱା (ନିର୍ଦ୍ଦେଶନାମା) ଏବଂ ସୁନ୍ନତର ବିରୁଦ୍ଧାଚରଣ ହୁଏ ତାହା ନିଶ୍ଚିତ ରୂପେ ପରିହାର୍ଯ୍ୟ ।
- ରୋଗୀଠାରୁ ଦୂରତା ନ ରଖିବା ଦ୍ୱାରା ଯେପରି ସୁସ୍ଥଲୋକ ସଂକ୍ରମିତ ହୋଇଥାନ୍ତି, ସେହିପରି ଅଲ୍ଲାତାଲାଙ୍କର ନିଧାନ ଯେ ସେ ଆଧାତ୍ମିକ ରୋଗୀଙ୍କଠାରୁ ଦୈବିଦତ ଗୋଷ୍ଠୀକୁ ଅଲଗା ରଖେ । ଏଥିଯୋଗୁଁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଅଛି ଯେ ଜନାଜାଃ, ବିଭାଘର ନମାଜ ଇତ୍ୟାଦି ଅଲଗା ହେଉ ।
- ନିଜ ସାଂସାରିକ ଅଭିଳାଷ ଉପରେ ନିଜ ଭବିଷ୍ୟତ ପିଢ଼ି ଓ ଧର୍ମକୁ ପ୍ରାଧାନ୍ୟ ଦିଅନ୍ତୁ । ନଚେତ୍ ଆମ ଝିଅମାନେ ଅନ୍ୟକୁ ବାହାହେବା ଦ୍ୱାରା କେବଳ ବଂଶ ନଷ୍ଟ ହୋଇନଥାଏ, ପରନ୍ତୁ ପୁଅମାନେ ମଧ୍ୟ ଅନ୍ୟତ୍ର ବିବାହ ହେବାଯୋଗୁଁ ହୋଇଥାଏ ।
- ପ୍ରତ୍ୟେକ ଅହେମଦିକୁ ବୁଝିବା ଦରକାର ଯେ ଅହେମଦି କେବଳ ସାମାଜିକ ଓ ବନ୍ଧୁତ୍ୱର ଛାପ ଦ୍ୱାରା ନ ହେଉ ପରନ୍ତୁ (ଦୀନ) ଧର୍ମକୁ ବୁଝିକରି ଅହେମଦି ହେବା ପାଇଁ ଚେଷ୍ଟା କରିବା ଉଚିତ୍ । ଯଦି ଅହେମଦି ପୁଅମାନେ ବାହାରେ ବିବାହ କରିବେ ତା'ହେଲେ ଅହେମଦି ଝିଅମାନେ କେଉଁଠାରେ ବିଭାହେବେ । ତେଣୁ ପୁଅମାନଙ୍କୁ ମଧ୍ୟ ଭାବିବା ଉଚିତ୍ ।
- ଯଦି ଅହେମଦି ପୁଅ ଓ ଝିଅ ବିଭାହେବା ପାଇଁ ଚାହୁଁଛନ୍ତି ତେବେ ତାଙ୍କ ବାପା ମାଆମାନେ ଜିଦି କରିବା ଉଚିତ୍ ନୁହେଁ । ଜାତିବାଦ ଓ ନିଜର ବଡ଼ପଣର ଘେରରେ ଆସିବା ଅନୁଚିତ୍ ।
- ଝିଅର ପସନ୍ଦକୁ ମଧ୍ୟ ରିସ୍ତାବେଳେ ଦେଖିବା ଉଚିତ୍ ଆଁ ହଜ୍‌ରତ୍ ସ୍:ଆ:ସ ମଧ୍ୟ ଏହି ପସନ୍ଦକୁ ଧାର୍ଯ୍ୟ କରିଛନ୍ତି ଯେ ଝିଅର ସମ୍ମତି ହେବା ଦରକାର । କିନ୍ତୁ ଇସ୍‌ଲାମ୍ ଏହା ମଧ୍ୟ ନିଶ୍ଚିତ କରିଛି ଯେ, ୱଲିର (ଝିଅର ବାପା) ବିନା ଅନୁମତିରେ ନିକାହ ହୋଇପାରିବ ନାହିଁ ।
- ଇସ୍‌ଲାମ୍ ଏହା ମଧ୍ୟ ଅନୁମତି ଦେଇଛି ଯେ ଯେବେ ତୁମେ ବିଭା ହୁଅ, ଚେହେରା ଦେଖିନିଅ ଏବଂ ଯେଉଁଠାରେ ଏହା କଷ୍ଟସାଧ ହୋଇଥାଏ ସେଠାରେ ଫଟୋ ଦେଖିପାରିବେ ଏହା ପୂର୍ବେ ମଧ୍ୟ ଥିଲା । ଏବେ ମଧ୍ୟ ହୋଇପାରିବ ।
- ମୋକରମା ସକିନା ନାହିଦ୍ ସାହିବା ସ୍ତ୍ରୀ-ମୋକରମ୍ ଶେଖ୍ ମହମ୍ମଦ୍ ଶରିଫ୍ ସାହେବ ମରହୁମ୍‌ଙ୍କର (ୱଫାତ୍) ମୃତ୍ୟୁ । ମୋକରମ୍ ଶୌକତ୍ ଗନି ସାହେବ ପୁଅ ମୋକରମ୍ କାଜି ଅବଦୁଲ୍ ଗନି ସାହେବଙ୍କର ଶାହାଦତ୍ ଯିଏ ପାକିସ୍ତାନ ସେନା ହିସାବରେ ସନ୍ତ୍ରାସବାଦୀଙ୍କ ସହିତ ଯୁଦ୍ଧରେ ଭାଗ ଦେଇଥିଲେ ।
- ଉପରୋକ୍ତ ସଦସ୍ୟଙ୍କ ସଦଗୁଣର ବର୍ଣ୍ଣନା ଏବଂ ନମାଜ ଜନାଜାଃ ପାଠ ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଂଚମ ଅ.ବ
## (ପ୍ରଦତ:୦୮ ଅପ୍ରେଲ ୨୦୧୬ ଅନୁଯାୟୀ ୦୮ ଶହାଦାତ୍ ୧୩୯୫ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ତଶହୁଦ,ତଉଜ ଓ ସୁରେ ଫାତିହାର ଆବୃତି ପରେ ହଜୁର ଅନଓର ଅ.ବ କହିଲେ- ଥରେ ହଜରତ୍ ମୁସଲେହ ମଉଦ୍ ର:ଅ ଏହି ବିଷୟ କହୁଥିଲେ ଯେ ଆମକୁ ନିଜର ସମିକ୍ଷା କରିବା ଉଚିତ୍ ଯେ ଆମର କାର୍ଯ୍ୟ କଳାପ, ଆମର ନିଷ୍ପତି ପବିତ୍ର କୋରାନ୍ ଓ ହଦିସ ଅନୁଯାୟୀ ହେଉଛି ବା ନାହିଁ । ଏହିପରି ଯଦି କୌଣସି ମାମଲା (ବିଷୟ)ରେ କୋରାନ ଓ ହଦିସ ଭିତରୁ ରାସ୍ତା ଦେଖାନଯାଏ ତାହେଲେ କିପରି କାର୍ଯ୍ୟ କରିବାକୁ ପଡ଼ିବ । ସେହି ବିଷୟରେ ମଣିଷ ଚିନ୍ତା କରିଥାଏ । ଏଥିପାଇଁ ପୂର୍ବରୁ ଯେଉଁ ଜ୍ଞାନୀ ଗୁଣିଗଣ କହି ଯାଇଛନ୍ତି ଏବଂ ଯାହା ନିଷ୍ପତି କରିଛନ୍ତି, ତାହା ଗ୍ରହଣ କରିବା ଉଚିତ । ଏହା ସମ୍ବନ୍ଧରେ ଆପଣ କୁହନ୍ତି କି ଥରେ ହଜ୍‌ରତ୍ ମସିହ ମଉଦ ଆ:ସ ଙ୍କୁ ପଚରାଗଲା କି ଆମକୁ ଆମର ସମସ୍ୟାଗୁଡ଼ିକର ସମାଧାନ କିପରି କରିବାକୁ ହେବ ? କାହାର ପରାମର୍ଶ ନେବାକୁ ହେବ ? ଉତରରେ ସେ କହିଲେ କି ଆମର (ନୀତି ଓ ପଦ୍ଧତି) ପ୍ରଥା ଏହା ଯେ ସର୍ବପ୍ରଥମେ ପବିତ୍ର କୋରାନ ମୁତାବକ ନିଷ୍ପତି କରଯାଉ ଏବଂ ଯଦି ପବିତ୍ର କୋରାନ୍‌ରେ କୌଣସି ତଥ୍ୟ ନ ମିଳେ ତାହାହେଲେ ତାକୁ ହଦିଷରୁ ଖୋଜିବାକୁ ପଡ଼ିବ ଏବଂ ଯଦି ହଦିସରୁ କୌଣି ତଥ୍ୟ ନ ମିଳେ ତା ହେଲେ ଜାତିର ବିଦ୍ୱାନମାନଙ୍କର ବ୍ୟାଖ୍ୟା ମୁତାବକ ନିଷ୍ପତି କରିବା ଉଚିତ୍ ବା ସମ୍ପ୍ରଦାୟ ଦ୍ୱାରା ଯେଉଁ ନିଷ୍ପତି ନିଆଯାଇଛି ଏବଂ ଯେଉଁ ତଥ୍ୟ ଦିଆଯାଇଛି, ସେହି ଅନୁସାରେ ନିଷ୍ପତି କରାଯାଉ ।

ଏଠାରେ ସ୍ପଷ୍ଟ ହେଉଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ମଧ୍ୟ କହିଛନ୍ତି କି ସୁନ୍ନତ୍ ହଦିସଠାରୁ ଉପରେ, ଏଥିଯୋଗୁଁ ଯେଉଁ କଥା ସୁନ୍ନତ୍ ଦ୍ୱାରା ନିଷ୍ପତି ହୋଇଥାଏ ତା ଉପରେ ଅମଳ କରିବା ସୁନିଶ୍ଚିତ ଅଟେ । ଏହାପରେ ପୁଣି ହଦିଷ୍‌ର ବାରି ଆସେ । ସୁନ୍ନତ୍ ଏହା ଅଟେ, ଯେଉଁ କାର୍ଯ୍ୟ ଆମପାଇଁ ଆଁ ହଜ୍‌ରତ୍ ସ୍:ଆ:ସ ନିଜେ କରି ଦେଖାଇଛନ୍ତି ବା ତା'ପରେ ସାହାବା ଏହାକୁ ଶିଖିଲେ ପୁଣି ସାହାବାଙ୍କଠାରୁ 'ତାବେଇନ୍' (ସାହାବାଙ୍କ ପରବର୍ତି ପିଢ଼ି) ଶିଖିଲେ ଏବଂ ପୁଣି ଏହା 'ଉମ୍ମତ୍' (ନିଜ ସମ୍ପ୍ରଦାୟ) ରେ କ୍ରମାଗତ ଚାଲୁ ରହିଲା ।

ସେ ଯାହାହେଉ ହଜ୍‌ରତ୍ ମୁସ୍‌ଲେହ, ମଉଦ୍ ଏହି ସମ୍ବନ୍ଧରେ କହୁଛନ୍ତି ଯେ ଆମ କର୍ତବ୍ୟ ଉପରେ ଦୃଷ୍ଟି ରଖିବାକୁ ପଡ଼ିବ ଯେ ଆମେ ସେହି କାର୍ଯ୍ୟ କରିବା ଉଚିତ ଯାହାକୁ କରିବା ପାଇଁ ଅଲ୍ଲାଃତାଲା ଏବଂ ତାର ରସୁଲ ଆମକୁ ଅନୁମତି ଦେଇଛନ୍ତି । ବେଳେବେଳେ କିଛି ଲୋକଙ୍କ ମୁଣ୍ଡରେ ନେକି କରିବାର ଭୁତ ପଶିଯାଏ । ଏହା କରିବା ପାଇଁ ସେମାନେ ଏତେ ଆଗକୁ ବଢ଼ିଯାନ୍ତି ଯେ ଅତ୍ୟୁକ୍ତି ସମ୍ବଳିତ କାର୍ଯ୍ୟ କରିପକାନ୍ତି । ନିଜ ଜୀବନକୁ ଅସୁବିଧାରେ ପକାଇଥାନ୍ତି ବା ନିଜ ଉପରେ ଜୁଲୁମ୍ କରିଥାନ୍ତି ବା କିଛି ଲୋକ ଏପରି ଥାନ୍ତି ଅଧିକନ୍ତୁ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଅଲ୍ଲାଃ ଏବଂ ତା ରସୁଲର ନିର୍ଦ୍ଦେଶକୁ ଭୃକ୍ଷେପ କରନ୍ତି ନାହିଁ ।

(ନେକି) ପୁଣ୍ୟରେ ଆଗକୁ ବଢ଼ିବାରେ ମଧ୍ୟ କିଛି ଦୃଷ୍ଟାନ୍ତ ଅଛି । ଜଣେ ସ୍ତ୍ରୀଲୋକର ଦୃଷ୍ଟାନ୍ତ ସେ ଦେଲେ । ଯିଏ ଅନୁଚିତ କାର୍ଯ୍ୟକୁ ନେକି ନାମରେ ପୁଣ୍ୟ ଭାବରେ କରିବାକୁ ଚାହୁଁଥିଲେ ଯାହା ପ୍ରକୃତରେ ପୁଣ୍ୟ ନଥିଲା କାରଣ ଅଲ୍ଲାଃ ଓ ତା'ର ରସୁଲ ଏହା କରିବା ପାଇଁ ଅନୁମତି ଦେଇନାହାନ୍ତି । ଏହି ଘଟଣାଟି ଯାହା ମୁଁ ବର୍ଣ୍ଣନା କରିବି ସେମାନଙ୍କ ପାଇଁ ମଧ୍ୟ ଶିକ୍ଷା ହେବ ଯେଉଁମାନେ ବେଳେବେଳେ ନିଜ ସ୍ୱପ୍ନକୁ ବହୁତ ଗୁରୁତ୍ୱ ଦେଇଥାନ୍ତି । ପ୍ରକୃତରେ ସେମାନଙ୍କର ସେ ଅବସ୍ଥା ନାହିଁ, ଯଦ୍ୱାରା ଏହା କୁହାଯାଆନ୍ତା କି ତାଙ୍କର ସବୁ ସ୍ୱପ୍ନ ସତ ଅଟେ ଏବଂ ତାର କିଛି ଅର୍ଥ ଅଛି ବୋଲି ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ କହୁଛନ୍ତି କି ଆଜି ଜଣେ ସ୍ତ୍ରୀଲୋକ ଆମ ଘରକୁ ଆସିଲେ ସେ କାଦିଆନ୍‌ର ପୁରୁଣା ସ୍ତ୍ରୀଲୋକ ଅଟନ୍ତି । ତାଙ୍କ ମସ୍ତିଷ୍କରେ କିଛି ତୃଟି ଅଛି । ସେ କହିଲେ ଯେ ମୁଁ ସ୍ୱପ୍ନ ଦେଖିଛି କି ହଜ୍‌ରତ୍ ମସିହ ମଉଦ ଆ:ସ ଆସିଛନ୍ତି ଏବଂ କହୁଛନ୍ତି ଯେ ତୁମେ ଯଦି ଛ ମାସ ଲଗାତାର ରୋଜା ରଖିବ ତା ହେଲେ ଖଲିଫତୁଲ ମସିହ୍ ସୁସ୍ଥ ହୋଇଯିବେ । (ଏହା ହଜ୍‌ରତ୍ ମୁସଲେହ୍ ମଉଦ୍‌ଙ୍କ ଅସୁସ୍ଥ ହେବାର ଆରମ୍ଭ ଦିନର କଥା) କିନ୍ତୁ ସେହି ସ୍ତ୍ରୀଜଣଙ୍କ କହିଲେ କି ମୁଁ ଯେଉଁ ୱଲେମାମାନଙ୍କୁ ଏ ବିଷୟରେ ପଚାରିଲି ସେମାନେ କହିଲେ କି ଛ ମାସ ଲଗାତାର ରୋଜା ରଖିବା ଉଚିତ୍ ଅଟେ । ପୁଣି କହିଲେ କି ମିଆଁ ବଶିର୍ ଅହ୍‌ମଦ୍ କହୁଛନ୍ତି କି ତୁମେ ଗୁରୁବାର ଓ ସୋମବାରର ରୋଜା ରଖ । ପୁନଶ୍ଚ କହିଲେ ଯେ ମୁଁ ପୁଣି ସ୍ୱପ୍ନ ଦେଖିଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆସିଛନ୍ତି ଏବଂ ସେ ମତେ କହୁଛନ୍ତି ଯେ ମୁଁ ତ କହିଥିଲି ଛ ମାସ ଲଗାତାର ରୋଜା ରଖ ବୋଲି କିନ୍ତୁ ତୁମେ ଲଗାତାର ରୋଜା କାହିଁକି ରଖୁନାହିଁ । ତେଣୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ କହୁଛନ୍ତି କି ମୁଁ କହିଲି ଯେ ତୁମର ସ୍ୱପ୍ନ ହଜ୍‌ରତ୍ ମସିହ ମଉଦ୍ ଆ:ସ ଙ୍କ ଏଲ୍‌ହାମ୍ (ସ୍ୱର୍ଗବାଣୀ) ଠାରୁ ଅଧିକ ହୋଇପାରିବ ନାହିଁ । କାରଣ ସେ ତାଙ୍କ ସ୍ୱର୍ଗବାଣୀ ବିଷୟରେ କହୁଛନ୍ତି କି, ଯଦି ମୋର କୌଣସି ଏଲ୍‌ହାମ୍ କୋରାନ୍ ଓ ସୁନ୍ନତ୍ ର ବିରୋଧି ଅଟେ ତା'ହେଲେ ମୁଁ ତାକୁ ଛେପ ପରି ଫିଙ୍ଗିଦେବି । ଯେବେ ହଜ୍‌ରତ୍ ମସିହ୍ ମଉଦ ଆ:ସ ନିଜ ଉପରେ ହେଉଥିବା (ୱହି)ସ୍ୱର୍ଗବାଣିକୁ ପବିତ୍ର କୋରାନ ଓ ସୁନ୍ନତ ସହିତ ଏତେ ମେଳ କରୁଛନ୍ତି, ତା ହେଲେ ଆମେ ମଧ୍ୟ ଆମ ସ୍ୱପ୍ନକୁ ତାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବୁଝିବାକୁ ପଡ଼ିବ । ଯେବେ ରସୁଲେ କରିମ୍ ସ୍:ଆ:ସଙ୍କ ଦ୍ୱାରା ପ୍ରମାଣିତ ଯେ ଆପଣ ଉମ୍ମତ୍ (ସମ୍ପ୍ରଦାୟର) ଲୋକଙ୍କୁ ଲଗାତାର ଏବଂ ଲମ୍ବା ସମୟ ପର୍ଯ୍ୟନ୍ତ ରୋଜା ରଖିବା ପାଇଁ ମନା କରିଛନ୍ତି । ତା'ହେଲେ ଯଦି ତୁମକୁ କୌଣସି ସ୍ୱପ୍ନ ଏହି ନିର୍ଦ୍ଦେଶର ବିରୋଧ ହୁଏ ତାହେଲେ ତାକୁ ସଇତାନର ବୋଲି ବୁଝାଯିବ । ଅଲ୍ଲାଃଙ୍କର ବୋଲି ବୁଝାଯିବ ନାହିଁ । ଯଦିଚ ତୁମେ ଏହା କୁହ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ବୋଲି । ଯଦି ଅଲ୍ଲାଃଙ୍କ ନିକଟରୁ ଆସିଥିବା ସ୍ୱପ୍ନ ହୋଇଥାନ୍ତା ତା ହେଲେ ତାହା ରସୁଲୁଲ୍ଲାଃ ସ୍:ଆ:ସ ଙ୍କ ଆଦେଶର ସମର୍ଥନ କରିଥାନ୍ତା । ଆପଣଙ୍କ ଉକ୍ତିର ଖଣ୍ଡନ କଦାପି କରିନଥାନ୍ତା । ତେଣୁ ଯଦି ସ୍ୱପ୍ନ ଏପରି ହୁଏ ଯାହା ପବିତ୍ର କୋରାନ ବା ରସୁଲେ କରିମ୍ ସ୍:ଆ:ସଙ୍କ ଫଂତ୍‌ୱା ଓ ସୁନ୍ନତ୍‌ର ବିରୋଧି ହୁଏ ତାକୁ ନିଶ୍ଚିତ ରୁପେ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ । କାରଣ ପବିତ୍ର କୋରାନ, ସୁନ୍ନତ୍ ଓ ହଦିସର

ବିରୁଦ୍ଧାଚରଣ କରି କୌଣସି ସ୍ୱପ୍ନ ସତ ହୋଇପାରିବ ନାହିଁ ।(ଅଲ୍‌ଫଜଲ୍ ୨୫ ନଭେମ୍ବର ୧୯୫୮, ପୃଷ୍ଠା-୩ ଖଣ୍ଡ ୧୨/୪୭ ନମ୍ବର ୨୭୨)

ତେଣୁ କୌଣସି ବିଷୟରେ ସ୍ୱପ୍ନକୁ ଭିତିକରି ଏହା ନେକି ହେଲେ ମଧ୍ୟ ନିଜକୁ ଏପରି କଷ୍ଟ ଦେବା ଯାହାର ଶକ୍ତି ଆମ ନିକଟରେ ନାହିଁ ଏହା ଭୁଲ ଅଟେ । କେବଳ ଭୁଲ୍ ନୁହେଁ ବରଂ ମନ୍ଦ କାର୍ଯ୍ୟ ଅଟେ । ହଁ ଯାହାକୁ ଅଲ୍ଲାଃତାଲା ତା' ପ୍ରତିନିଧି ସ୍ୱରୁପ ନିଯୁକ୍ତ କରିଛନ୍ତି ତାଙ୍କ ସହିତ ଅଲ୍ଲାତାଲାଙ୍କର ବ୍ୟବହାର ଅଲଗା ହୋଇଥାଏ । ସେ ସାଧାରଣ ଲୋକଙ୍କ ପରି ନୁହନ୍ତି, ତାଙ୍କର କୌଣସି ସାଧାରଣ ବ୍ୟକ୍ତିଙ୍କ ସହିତ ତୁଳନା କରାଯାଇପାରିବ ନାହିଁ ।

ଉପରୋକ୍ତ ଘଟଣାରୁ ଏପରି ମଧ୍ୟ କିଏ ଭାବୁଥିବେ ଯେ ହଜରତ୍ ମସିହ୍ ମଉଦ [ଆ:ସ] ତ ଛଅ ମାସ ରୋଜା ରଖିଥିଲେ । ଏହି ସମ୍ବନ୍ଧରେ ଏହା ସ୍ପଷ୍ଟ କରିଦିଆ ଯାଉଛି ଯେ ତାଙ୍କୁ ଅଲ୍ଲାଃତାଲା ନବୀ ପଦରେ ଅଭିଷିକ୍ତ କରିଥିଲେ ।

ଦ୍ୱିତୀୟରେ ନିଜେ ହଜ୍‌ରତ୍ ମସିହ୍ ମଉଦ [ଆ:ସ] ଏହି ସମ୍ବନ୍ଧରେ କ'ଣ କହୁଛନ୍ତି ଓ ଆମକୁ କଣ ଉପଦେଶ ଦେଇଛନ୍ତି ତାହା ବର୍ଣ୍ଣନା କରୁଛି । ଆପଣ କହୁଛନ୍ତି ଥରେ ଏପରି ହେଲା ଯେ ଜଣେ ବୟସ୍କ ସମ୍ମାନଯୋଗ୍ୟ ବ୍ୟକ୍ତି ମତେ ସ୍ୱପ୍ନରେ ଦେଖାହେଲେ ଏବଂ ସେ କହିଲେ ଯେ ଆଧ୍ୟାତ୍ମିକ ପ୍ରକାଶର ନେତୃତ୍ୱ କରିବା ପାଇଁ କିଛି ନବୀମାନଙ୍କ ବଂଶଗତ ପରମ୍ପରା । ଏହି ରୋଜା ଦ୍ୱାରା ଯେଉଁ ଅପ୍ରତ୍ୟାଶିତ ଘଟଣା ମୋ ପାଇଁ ଆଗୋଚର ହେଲା ତାହା ସୁନ୍ଦର ସମ୍ମୋହିତ କଶଫ୍ (ଜାଗ୍ରତ ଅବସ୍ଥାରେ ଦେଖିଦେବା ଏକ ଅଲୌକିକ ଘଟଣା) ଅଟେ । ଯାହା ଏହି ଯୁଗରେ ମୋ ପାଇଁ ପ୍ରକଟିତ ହେଲା । ଅଲ୍ଲାଃତାଲା ଏହାପରେ ପୁଣି (କୋଶୁଫ୍), ସ୍ୱର୍ଗବାଣୀର ଧାରା ଜାରି ରଖିଲେ । ପୁଣି ଆପଣ ଏହାର କିଛି ବିବରଣୀ ଦେଲେ ଯେ କଣ କଣ ହେଲା । ପୁଣି ଆପଣ କହୁଛନ୍ତି-ଏକ କାଳ ପର୍ଯ୍ୟନ୍ତ ରୋଜା ରଖିବା ଦ୍ୱାରା ମୋ ଉପରେ ଯେଉଁ ଅଲୌକିକ ଘଟଣା ପ୍ରକଟ ହେଲା, ଏହା ଏକ ପ୍ରକାରର କଶଫ୍ ଅଟେ, ଏହା ମନେ ରଖିବାକୁ ପଡ଼ିବ । କିନ୍ତୁ ମୁଁ ପ୍ରତ୍ୟେକକୁ ଏହା କରିବା ପାଇଁ କହୁନାହିଁ ଏବଂ ମୁଁ ମଧ୍ୟ ମୋ ନିଜ ଇଚ୍ଛାରେ ଏହା କରିନାହିଁ । ମନେରଖିବା ଉଚିତ୍ ଯେ ମୁଁ ଐଶ୍ୱରିକ ନିଦର୍ଶନ ଦ୍ୱାରା ଅଲ୍ଲାଃଙ୍କ ଠାରୁ ଏତେଲା ପାଇ ଆଠ ନଅ ମାସ ହେବ ଶାରିରୀକ କଷ୍ଟ ଉଠାଇଲି ଏବଂ ଭୋକ ଓ ଶୋଷର ସ୍ୱାଦ ନେଲି । ପୁଣି ଏହି କାର୍ଯ୍ୟକୁ ସର୍ବଦା କରିବାରୁ ବିରତ ହେଲି ।

ତେଣୁ ଆପଣଙ୍କୁ ଅଲ୍ଲାଃତାଲା ଏହି ସ୍ଥାନ ଦେବାର ଥିଲା, ଏଥିପାଇଁ ଅନୁମତି ମିଳିଲା । ପୁଣି ଆପଣ କଦାପି ଏହି କାର୍ଯ୍ୟ କରିନାହାନ୍ତି । କହିଲେ କି ବେଳେବେଳେ ମୁଁ ରୋଜା ରଖିନିଏ । କିନ୍ତୁ ଅନ୍ୟକୁ ଏବଂ ଆପଣଙ୍କ ଅନୁଗାମୀମାନଙ୍କୁ ଏହା କରିବା ପାଇଁ ବାରଣ କରିଛନ୍ତି ।

ପୁଣି ହଜରତ୍ ମସିହ୍ ମଉଦ୍[ଆ:ସ]ଙ୍କ ଉପରେ ଆଉ ଏକ ଦୋଷାରୋପଣ କରାଯାଉଛି ଯେ, ସେ ଆସି ଗୋଟିଏ ଯମାତ ତିଆରି କରି ବିଶୃଙ୍ଖଳା ସୃଷ୍ଟି କରାଇଛନ୍ତି ଏବଂ ମୁସଲ୍‌ମାନଙ୍କ ମଧ୍ୟରେ ଆଉ ଗୋଟିଏ ଫିର୍‌କା (ଗୋଷ୍ଠି) ଯାହାର ସଂଖ୍ୟା ୭୩ ଅଟେ ତିଆରି କରିଦେଲେ । ଏହାର ଦରକାର ନଥିଲା । ଗୋଟିଏ ଗୋଷ୍ଠି କରିବା ଦ୍ୱାରା ମୁସଲ୍‌ମାନ ଅଧିକ ଖଣ୍ଡ ବିଖଣ୍ଡିତ ହେଲେ ।

ମନେ ରଖିବା ଉଚିତ୍ ଯେ ଅବତାରଙ୍କ ଅବତୀର୍ଣ୍ଣ ସମୟରେ ଏପରି କଥା କୁହାଯାଇଥାଏ । ଆଁ ହଜ୍‌ରତ୍ [ସ:ଆ:ସ]ଙ୍କ ଉପରେ ମଧ୍ୟ ଏହି ଦୋଷାରୋପ ମକ୍କାର ଅଧିବାସୀ କରିଥିଲେ ଯେ ସେ ଆସି ଭାଇକୁ ଭାଇଠାରୁ ଅଲଗା କରାଇଦେଲେ । ଆମକୁ ଅଲଗା ଅଲଗା କରିଦେଲେ । କିନ୍ତୁ ପ୍ରକୃତରେ ବିଶୃଙ୍ଖଳାର ଅବସ୍ଥା ସେମାନଙ୍କ ମଧ୍ୟରେ ପ୍ରଥମରୁ ଥିଲା ଏବଂ ଏହି ଫିସାଦି ଆଜି କାଲିର ମୁସଲମାନଙ୍କ ମଧ୍ୟରେ ମଧ୍ୟ ଅଛି ।

ଅଲ୍ଲାଃତାଲା ନବୀକୁ ଏଥିପାଇଁ ପ୍ରେରଣ କରିଥାଏ କି ବିଶୃଙ୍ଖଳାକୁ ଦୂର କରି ଗୋଟିଏ ହାତରେ ଏକାଠି କରିବା ପାଇଁ ଯଦ୍ୱାରା ଏମାନେ ଏକ ହୋଇଯିବେ । ତେଣୁ ଯେଉଁମାନେ ବିଶ୍ୱାସ (ଇମାନ୍) ଆଣୁଛନ୍ତି ସେମାନେ ଶାନ୍ତି ପାଉଛନ୍ତି ଏବଂ ଏକତ୍ର ହେଉଛନ୍ତି । ଫିସାଦିଠାରୁ ଦୂରେଇ ଯାଉଛନ୍ତି ଏବଂ ଅନ୍ୟ ବିରୋଧିମାନେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଏବେ ସେମାନେ ଆମ ବିରୋଧରେ ଏକାଠି ହୋଇ ଯେତେ ପ୍ରପଗଣ୍ଡା କରିଲେ ମଧ୍ୟ ନିଜ ଭିତରେ ଭାଗ ଭାଗ ହୋଇଛନ୍ତି । ତାଙ୍କ ହୃଦୟରେ ଫାଟ ସୃଷ୍ଟି ହୋଇଛି । ଏକା ମନ ନାହିଁ । ନିଜ ନିଜ ଭିତରେ ବାଡ଼ିଆ ମରା ହେଉଛନ୍ତି ଏବଂ ଯେତେବେଳ ପର୍ଯ୍ୟନ୍ତ ସେମାନେ ସମୟର ଇମାମଙ୍କୁ ନ ମାନିଛନ୍ତି ଏପରି ଅବସ୍ଥା ରହିବ । ସେମାନେ ଆମକୁ ମୁସଲମାନ କହନ୍ତୁ ବା ଅଣ ମୁସଲମାନ୍ କହନ୍ତୁ ବା ଯେ କୌଣସି ନାମ ରଖନ୍ତୁ, କିନ୍ତୁ ଆମେ ଅଲ୍ଲାଃତାଲାଙ୍କର ପ୍ରଦତ ସଂଜ୍ଞା ଅନୁସାରେ ଏବଂ ଆଁ ହଜ୍‌ରତ୍ [ସ୍ୱ:ଆ:ସ]ଙ୍କ ପ୍ରଦତ ବ୍ୟାଖାନ ଅନୁସାରେ ପ୍ରକୃତ ମୁସଲ୍‌ମାନ ଅଟୁ ଏବଂ ଆମକୁ ଏହା କରିବା ପାଇଁ କିଏ ରୋକି ପାରିବେ ନାହିଁ ।

ହଜ୍‌ରତ୍ ମୁସ୍‌ଲେହ ମଉଦ ଏହି ବିଶୃଙ୍ଖଳା ସମ୍ବନ୍ଧରେ କହୁଛନ୍ତି କି 'ଜଣେ ବନ୍ଧୁ ଶୁଣାଇଲେ ଯେ ଥରେ ଜଣେ ଅହ୍‌ଲେ ହଦିଷ ହନ୍‌ଫିଙ୍କ ମସ୍‌ଜିଦ୍‌ରେ ତାଙ୍କ ସହିତ ନମାଜ ପାଠ କରୁଥିଲା । ''ଅତ୍‌ତୟହାତ୍'' ରେ ସେ ଅଙ୍ଗୁଳି ଉଠାଇଲେ । ତଶହୁଦ୍ ସମୟରେ ଅଙ୍ଗୁଳି ଉଠାଇବାର ଥିଲା । ତେଣୁ ସମସ୍ତ ନମାଜି ନମାଜ ଭଙ୍ଗକରି ତାଙ୍କୁ ଭର୍ତ୍ସନା କରି ହାରାମି ହାରାମି କହିବା ଆରମ୍ଭ କରିଦେଲ'' । ଅର୍ଥାତ୍-ହନ୍‌ଫି ଲୋକଙ୍କର ବିଶ୍ୱାସ ଯେ ସେମାନେ ତଶହୁଦ୍ ସମୟରେ ଅଙ୍ଗୁଳି ଉଠାନ୍ତି ନାହିଁ । କିନ୍ତୁ ସେମାନେ ନମାଜ୍‌ରେ ଅଛନ୍ତି ବୋଲି ଭାବିଲେ ନାହିଁ । ନମାଜ ଭାଙ୍ଗିବା ବଡ଼ ଅପରାଧ ଅଟେ । କିନ୍ତୁ ତାର ଅଙ୍ଗୁଳିକୁ ସେମାନେ ଦେଖୁଥିଲେ । ନମାଜକୁ ଭଙ୍ଗକରି ତାକୁ ଗାଳି କରିବାରେ ଲାଗି ପଡିଲେ ଏବଂ ତାକୁ ମାରିଲେ ମଧ୍ୟ । ତେଣୁ ହଜ୍‌ରତ ମୁସ୍‌ଲେହ ମଉଦ କହୁଛନ୍ତି କି ''ଏହିପରି ବିଶୃଙ୍ଖଳା ହଜ୍‌ରତ୍ ମସିହ ମଉଦ [ଆ:ସ] ଆସିବା ପୂର୍ବରୁ ଥିଲା । ମସିହ ମଉଦ ଆସି ଏହାର ସଂସ୍କାର କଲେ'' । ଦୁଇ ପ୍ରକାର ଲୋକ ଅଛନ୍ତି, ଯେଉଁମାନେ ଆଘାତ ପହଂଚାଇଥାନ୍ତି । ଜଣେ ଅନ୍ୟକୁ ମାଡ଼ମାରି ଆଘାତ କରିଥାଏ ଏବଂ ଆଉ ଜଣେ ହେଲେ ଡାକ୍ତର ଯିଏ ରୋଗର ଉପଶମ ପାଇଁ ଆଘାତ ଦେଇଥାଏ । ଯେପରି ଜଣଙ୍କୁ ଜ୍ୱର ହୋଇଥିବ ଡାକ୍ତର ତାଙ୍କୁ 'କୁଇନାଇନ୍' ବଟିକା ଦେବେ ତ କେହି କହିବେ ନାହିଁ ଯେ ନିର୍ଦ୍ଦୟ ଡାକ୍ତର ମୁହଁ ପିତା କରିଦେଲା ବୋଲି । ଯଦି ଡାକ୍ତର ଖଂକାରକୁ ନ କାଢିଥାନ୍ତା ତା' ହେଲେ ରୋଗ ଅଧିକା ହୋଇଥାନ୍ତା । ତେଣୁ ଖଂକାର ବାହାର କରିବାରେ ଅସୁବିଧା କଣ ? ହାଡ଼ ଭାଙ୍ଗି ରହିଥାନ୍ତା ଯଦି ଛୁରୀରେ କାଟିକରି ଘାଆକୁ ସଫା ନ କରାଯାଆନ୍ତା । ସେହି ଘାଆର ଯଦି ଜଳାପୋଡା କରିବାର ଔଷଧର ପ୍ରଲେପ ନ ଲଗାଯାଆନ୍ତା ତାହାହେଲେ ରୋଗୀର ଅବସ୍ଥା ଠିକ୍ ନହୁଅନ୍ତା ତାର ଜୀବନ ବିପଦରେ ପଡ଼ିଯାଆନ୍ତା । ଏହିପରି ଅବସ୍ଥାରେ କେହି କ'ଣ ଡ଼ାକ୍ତରଙ୍କୁ ଦୋଷୀ କହିପାରିବେ ? ତେଣୁ (ଡ଼ାକ୍ତର ଯଦି କାହାକୁ କଷ୍ଟ ଦିଏ କେବଳ ଉପଶମ ପାଇଁ ଦିଏ) । ଆପଣ କହୁଛନ୍ତି ''ଜଣେ ଆସି ହଜ୍‌ରତ୍ ମସିହ୍ ମଉଦ୍‌ଙ୍କୁ ପ୍ରଶ୍ନ କଲେ ଯେ ଆଗରୁ ତ ଏତେ ବିଶୃଙ୍ଖଳା ଥିଲା, ପୁଣି ବିଚ୍ଛେଦ ସୃଷ୍ଟି କଲେ ! ପ୍ରତିଉତରରେ ଆପଣ କହିଲେ ଯେ-ମତେ କୁହ ଯେ ନିଜ ଭଲ କ୍ଷୀରକୁ ଠିକ୍ ରଖିବା ପାଇଁ ଦହି ସହିତ ରଖୁଛ ନା ଅଲଗା ରଖୁଛ ? କାରଣ କ୍ଷୀରକୁ ଦହିଠାରୁ ଅଲଗା ରଖାଯାଏ କୌଣସି ବୁନ୍ଦା କ୍ଷୀରରେ ନ ପଡ଼ିଯାଉ, ଯଦ୍ୱାରା କ୍ଷୀର ଖରାପ ହୋଇଯିବ । ତେଣୁ ଐଶ୍ୱରିକ ଯମାତ୍ ଓ ଅପ୍ରୀତିକର ଯମାତ ମଧ୍ୟରେ ପାର୍ଥକ୍ୟ ହେବା ଜରୁରୀ ଥିଲା । ''ଯେପରି ରୋଗୀଠାରୁ ଦୂରତା ନ ରଖିଲେ ସୁସ୍ଥ ବ୍ୟକ୍ତି ମଧ୍ୟ ରୋଗୀ ହୋଇଯାଏ । ସେଥିଯୋଗୁଁ ଅଲ୍ଲାଃତାଲାଙ୍କର ବିଧାନ ଏହା ଅଟେ ଯେ ସେ ଆଧ୍ୟାତ୍ମିକ ରୋଗୀଙ୍କଠାରୁ ଐଶ୍ୱରୀକ ଗୋଷ୍ଠୀଙ୍କୁ ଅଲଗା ରଖେ । ତେଣୁ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶ ଯେ ଯନାଜାଃ, ବିବାହ ଓ ନମାଜ ଇତ୍ୟାଦି ଅଲଗା ହେଉ'' । ସ୍ତ୍ରୀଲୋକଙ୍କୁ ଉପଦେଶ ଦେଇ କହିଲେ, ଅନେକ ନାରୀ ବିରୋଧ କରିଥାନ୍ତି । ତେଣୁ ମୁଁ ନାରୀମାନଙ୍କୁ ଉପଦେଶ ଦେଉଛି ଯେ ଯେପରି ରୋଗୀ ସହିତ ସୁସ୍ଥଲୋକ ମଧ୍ୟ ବିପଦରେ ପଡ଼ିଥାଏ । ମନେରଖ ଏହି ଅବସ୍ଥା ତୁମର ଅଣ ଅହେମଦୀଙ୍କ ସହିତ ସମ୍ପର୍କ ରଖିବା ଦ୍ୱାରା ହେବ । ଅନେକ ସ୍ତ୍ରୀ କହନ୍ତି କି ଭାଇ ଓ ଭଉଣୀ ଦ୍ୱାରା ହୋଇଥିବା ବନ୍ଧୁଙ୍କୁ କିପରି ଛାଡିଦେବା ?

ହଜ୍‌ରତ୍ ମୁସ୍‌ଲେହ ମଉଦ କହୁଛନ୍ତି ''ମୁଁ ସତ କହୁଛି ଯେ ଯଦି ଭୂମିକମ୍ପ ଆସେ ବା ନିଆଁ ଲାଗିଯାଏ ତେବେ ଭଉଣୀ ଭାଇର ଧ୍ୟାନ ନ ରଖି ଅଧିକନ୍ତୁ ତାକୁ ପଛକୁ ଆଡ଼େଇ ଦେଇ ସେହି ଭାଙ୍ଗି ଯାଉଥିବା ଘରୁ ଶିଘ୍ର ଶିଘ୍ର ବାହାରି ଯିବା ପାଇଁ ଚେଷ୍ଟା କରେ ତ ପୁଣି ଧର୍ମ ସମ୍ବନ୍ଧରେ ଏପରି କାହିଁକି ଭାବୁଛନ୍ତି ? ପ୍ରକୃତରେ ଏହା ଆରାମର ଭାବ ପ୍ରବଣତା । ଦୁଃଖ କଷ୍ଟର ଭାବପ୍ରବଣତା ହୋଇଥିଲେ ଏପରି ଭାବୁନଥାନ୍ତ । ଯଦି ଅଲ୍ଲାଃ ରାତିରେ ତୁମ ମଧ୍ୟରୁ କାହା ପାଖକୁ ମୃତ୍ୟୁର ଦେବଦୂତ (ମଲକୁଲ ମୌତ୍) ପଠାଏ ଏବଂ ସେ ଆସି କହେ କି ନିଶ୍ଚିତ ତୁମ ଭାଇଙ୍କର ମୃତ୍ୟୁ ହେବାର ଥିଲା, କିନ୍ତୁ ତା ବଦଳରେ ତୁମ ଜୀବନ ନେବି । ତା ହେଲେ କୌଣସି ବ୍ୟକ୍ତି (ସ୍ତ୍ରୀ) ଏହାକୁ ମାନିବେ ନାହିଁ । ଅଲ୍ଲାଃତାଲା କହୁଛନ୍ତି କି ୟା ଅୟୋହଲ୍ ଲଜିନା ଆମନୁ କୁ ଅନ୍‌ଫୁସକୁମ୍ ଓ୍ୱ ଅହଲିକୁମ୍ ନାରା (ସୁରା ତହ୍‌ରିମ୍:୭) । ଅଥାତ୍- ନିଜକୁ ଓ ନିଜ ପରିବାରକୁ ନିଆଁରୁ ବଂଚାଅ । ଏବେ ହଜ୍‌ରତ୍ ମସିହ୍ ମଉଦ [ଆ:ସ]ଙ୍କ ଅନୁଗାମୀ ଯଦି ଅନ୍ୟ ଅଣ ଅହେମଦୀଙ୍କୁ ବାହା ହୋଇ ଚାଲିଯିବେ, ତେବେ ସ୍ୱାମୀଙ୍କ ଯୋଗୁଁ ନିଶ୍ଚିତ ରୂପେ ସେ ଅହମଦିୟତ୍‌ଠାରୁ ଦୂରେଇଯିବେ ବା ନ ଦୂରେଇଲେ ମଧ୍ୟ ଚିନ୍ତା କରି କରି ମରିଯିବେ । (କାରଣ ଘରୁ ଚାଲିଯିବା ପରେ ନିର୍ଯ୍ୟାତନା ହୋଇଥାଏ) ଏହା ଏକ ନିଆଁ । କଣ କୌଣସି ସ୍ତ୍ରୀ ତା ନିଜ ହାତରେ ତାର ଝିଅକୁ ନିଆଁରେ ପକାଇପାରିବ ? କିନ୍ତୁ ଏହି ଟିକିଏ ସମ୍ବନ୍ଧ ଯୋଗୁଁ ତାକୁ ନିଆଁରେ ପକାଇ ଦିଆଯାଏ । ତେଣୁ ଏଥିରୁ ବଂଚିବାକୁ ହେବ । (ସ୍ତ୍ରୀ ଲୋକଙ୍କୁ ସମ୍ବୋଧନ, ଅନ୍‌ଓ୍ୱାରୁଲ୍ ଓ୍ୱଲୁମ୍ ଖଣ୍ଡ-୧୧, ପୃଷ୍ଠା-୫୧୮-୫୧୯)

ତେଣୁ ଆମେ ଅହେମଦୀ ଅନ୍ୟ ସହିତ (ବିଭାହ) ସମ୍ପର୍କ ରଖୁନାହୁଁ । ଏଥିଯୋଗୁ ଆମ ଉପରେ ବଡ଼ ଦୋଷାରୋପ କରାଯାଉଛି । ଏହା ବିଚ୍ଛିନ୍ନତାବାଦି ନୁହେଁ ବରଂ ନିଜକୁ ନିଆଁରୁ ବଂଚାଇବା ପାଇଁ ଚେଷ୍ଟା । ଦୀନ (ଧର୍ମ) କୁ (ଦୁନିଆ) ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ଚେଷ୍ଟା । ଏହି ଚିନ୍ତା କେବଳ ସେମାନଙ୍କୁ ହୁଏ ଯିଏ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେଇଥାଏ ଏବଂ ସେଥିରେ ପୁଅମାନେ ମଧ୍ୟ ସାମିଲ୍ ଅଛନ୍ତି । ତେଣୁ ପୁଅଙ୍କୁ ମଧ୍ୟ ଭାବିବା ଉଚିତ୍ ଯେ ଯଦି ସେ ନିଜକୁ ନୈଷ୍ଠିକ ଅହେମଦୀ ବୋଲି ଭାବୁଛନ୍ତି ତେବେ ପୁଣି କେବଳ ନିଜ ଇଚ୍ଛାକୁ ନ ଦେଖନ୍ତୁ ଓ ଯେବେ ବିବାହ ସମୟ ଆସେ ସେମାନେ ଅହେମଦୀ ଝିଅଙ୍କୁ ବିବାହ କରନ୍ତୁ । ନିଜ ସାଂସାରିକ ମୋହ ଉପରେ ନିଜ ପରପଢ଼ି ଏବଂ ଧର୍ମକୁ ଅଗ୍ରାଧିକାର ଦିଅନ୍ତୁ । ନଚେତ୍ କେବଳ ଝିଅମାନେ ଅନ୍ୟତ୍ର ବିବାହ ଦ୍ୱାରା ଆସନ୍ତା ପିଢ଼ି ନଷ୍ଟ ହୁଅନ୍ତି ନାହିଁ ଅଧିକନ୍ତୁ ପୁଅମାନେ ମଧ୍ୟ ଅନ୍ୟତ୍ର ବିବାହ ହେବା ଦ୍ୱାରା ଆସନ୍ତା ପିଢ଼ି (ନସଲ୍) ନଷ୍ଟ ହୋଇଯାଆନ୍ତି । ପ୍ରତ୍ୟେକ ଅହେମଦୀଙ୍କୁ ବୁଝିବାକୁ ହେବ ଯେ ଅହେମଦୀ କେବଳ ସାମାଜିକ ଚାପ ଦ୍ୱାରା ବା ସମ୍ପର୍କୀୟଙ୍କ ପ୍ରଭାବ ଦ୍ୱାରା ଅହେମଦୀ ନୁହେଁ ବରଂ ଦୀନ (ଧର୍ମ) କୁ ବୁଝିକରି ଅହେମଦୀ ହେବା ପାଇଁ ଚେଷ୍ଟା କରନ୍ତୁ । ଯଦି ଅହେମଦୀ ପୁଅମାନେ ଅନ୍ୟତ୍ର ବିବାହ କରିବେ ତେବେ ଅହେମଦୀ ଝିଅମାନେ କୁଆଡ଼େ ଯିବେ ? ତେଣୁ ପୁଅକୁ ମଧ୍ୟ ଭାବିବା ଉଚିତ୍ । ଯଦି ଏବେ ଏହି ବିଷୟରେ ସତର୍କତା ଅବଲମ୍ବନ ନ କରାଯାଏ ତେବେ ଆଗକୁ ଏହି କାର୍ଯ୍ୟ ଅଧିକ ବଢ଼ି ବଢ଼ି ଚାଲିବ ଏବଂ ପୁଣି ଆସନ୍ତା ପିଢ଼ି ଅହେମଦୀ ରହିବେ ନାହିଁ କେବଳ ଯାହା ଉପରେ ଅଲ୍ଲାଃଙ୍କ ଫଜଲ (ଆଶୀର୍ବାଦ) ହେବ ସେ ବଂଚିଯିବେ ।

ମୁଁ ସର୍ବଦା ଅନ୍ୟତ୍ର ବିବାହ କରିବାକୁ ଚାହୁଁଥିବା ପୁଅମାନଙ୍କୁ କହୁଛି ଯେ ଯଦି ତୁମେ କୌଣସି କାରଣରୁ ଅନ୍ୟତ୍ର ବିଭା ହେଉଛ ତାହେଲେ କୌଣସି ପୁଅକୁ ଅହେମଦୀ କର ଏବଂ ତାଙ୍କୁ ନୈଷ୍ଠିକ ଅହେମଦୀ କରାଅ, ପୁଣି ତାଙ୍କର ଅହେମଦୀ ଝିଅ ସହିତ ରିସ୍ତା କରାଇ ଦିଅ । ଏହାଦ୍ୱାରା ତୁମର ତବ୍‌ଲିଗ୍ କରିବା ପାଇଁ ଇଚ୍ଛା ହେବ । ପୁନଶ୍ଚ ଏହା ମଧ୍ୟ ହୋଇପାରେ ଯେ ଏହି ଚିନ୍ତାଦ୍ୱାରା ତୁମେ ଅହେମଦୀ ଝିଅଙ୍କୁ ବିବାହ କରିବା ପାଇଁ ଚେଷ୍ଟା କରିବ । ଯାହାହେଉନା କାହିଁକି ଝିଅଙ୍କ ବିବାହ ସମ୍ପର୍କୀୟ ସମସ୍ୟା ଅଛି ଏବଂ ଏହା ଆଜିନୁହେଁ ସର୍ବଦା ଅଛି । ଏହି ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍[ର:ଅ] ଗୋଟିଏ ସ୍ଥାନରେ ବର୍ଣ୍ଣନା କରି

କହୁଛନ୍ତି କି ''ଗୋଟିଏ ଜରୁରୀ ସମସ୍ୟା ଯାହା ଉପରେ ମୁଁ ଆଜି ଆଲୋକପାତ କରିବାକୁ ଚାହୁଁଛି ତାହା ଅହେମଦୀ ଓ ଅଣ ଅହେମଦୀ (ଗୈର ଅହେମଦୀ) ଙ୍କ ମଧ୍ୟରେ ନିକାହ୍ (ବିବାହ)ର ପ୍ରଶ୍ନ ଏବଂ ଏହି ସମ୍ବନ୍ଧରେ କଫୁ (ସମାନତା)ର ପ୍ରଶ୍ନ ମଧ୍ୟ ଉଠେ । ଆମ ଜମାତର ଲୋକଙ୍କୁ ବିବାହ ସମ୍ବନ୍ଧୀୟ ଯେଉଁ ଅସୁବିଧାମାନ ହେଉଛି, ଏହା ପ୍ରଥମରୁ ମତେ ଜଣାଥିଲା । କିନ୍ତୁ ଏହି ୯ ମାସର ଅବଧିରେ ବହୁତ ହିଁ ଅସୁବିଧା ଓ ପ୍ରତିବନ୍ଧକ ମୁଁ ଅନୁଭବ କରୁଛି । (ଏହି ବକ୍ତବ୍ୟ ୧୯୧୪ ମସିହା, ଖଲାଫତର୍ ନଅମାସ ପରେ ଜଲସା ସାଲାନାରେ କରିଥିଲେ) । ଲୋକଙ୍କ ଚିଠିରୁ ଜଣାପଡୁଛି ଯେ ଏହି ବିଷୟରେ ଆମ ଯମାତକୁ ବହୁତ କଷ୍ଟ ଅନୁଭବ ହେଉଛି । ଆଜି ମଧ୍ୟ ଏହି ଅବସ୍ଥା ଅଛି । ଏହି ଅସୁବିଧା ଲାଗି ରହିଛି ତେଣୁ ଆମକୁ ଏହାର ନିଦାନ ନିଜେ କରିବାକୁ ପଡ଼ିବ । ଆପଣ କହୁଛନ୍ତି ଯେ ହଜରତ୍ ମସିହ୍ ମଉଦ୍ [ଆ:ସ] ଏହି ସମ୍ପର୍କରେ ପ୍ରସ୍ତାବ ଦେଇଛନ୍ତି କି ଅହେମଦୀ ପୁଅ ଓ ଝିଅଙ୍କ ନାମ ଏକ ଖାତାରେ ଲେଖାଯାଉ ଏବଂ ଆପଣ ଏହି ଖାତା ଜଣେ ଲୋକଙ୍କ ପ୍ରସ୍ତାବ ଦ୍ୱାରା ଖୋଲିଥିଲେ । ସେ ଦରଖାସ୍ତ କରିଥିଲେ ଯେ ହଜୁର ବିବାହ ନିମନ୍ତେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଆପଣ କହିଲେ ଅନ୍ୟଙ୍କ ସହିତ ସମ୍ପର୍କ ରଖ ନାହିଁ । ଆମ ଯମାତ ମିଶ୍ରିତ ଅବସ୍ଥାରେ ଅଛି । ଏବେ ଆମେ କ'ଣ କରିବା ? ଏକ ରେଜିଷ୍ଟର (ଖାତା) ହେଉ ଯେଉଁଥିରେ ସମସ୍ତ ଅବିବାହିତ ପୁଅ ଓ ଝିଅଙ୍କ ନାମ ଲେଖାଯାଉ ଯଦ୍ୱାରା ରିଷ୍ତା କରିବା ପାଇଁ ସହଜ ହେବ । ହଜୁରଙ୍କୁ କେହି ଯଦି ରିଷ୍ତା ପାଇଁ ଦରଖାସ୍ତ କରେ ତା ହେଲେ ସେହି ରେଜିଷ୍ଟରରୁ ଖୋଜି ରିଷ୍ତା କରାଇଦିଆଯିବ, କାରଣ ଏପରି କୌଣସି ବ୍ୟକ୍ତି ନାହାଁନ୍ତି ଯିଏ ଆପଣଙ୍କ କଥା ନ ମାନୁଥିବ । (ଏହା ହଜରତ୍ ମସିହ ମଉଦ୍ [ଆ:ସ] ଙ୍କୁ ସେହି ବ୍ୟକ୍ତି ଜଣକ କହିଲେ) କିଛିଲୋକ ନିଜର ଇଚ୍ଛାକୁ ଉହ୍ୟ ରଖି କୌଣସି ପ୍ରସ୍ତାବ ଦେଇଦିଅନ୍ତି ଏବଂ ଏପରି ବ୍ୟକ୍ତି ଶେଷରେ ନିଶ୍ଚୟ ପରିକ୍ଷାରେ ପଡ଼ିଥାନ୍ତି । ହଜରତ୍ ମୁସ୍ଲେହ ମଉଦ କହୁଛନ୍ତି କି ବେଳେବେଳେ ଲୋକେ ନିଜର ସମସ୍ୟାକୁ ଉପସ୍ଥାପନ କରୁଛନ୍ତି ଯେବେ କୌଣସି କଥା କହୁଛନ୍ତି ସେଥିରେ ନିଜର ବ୍ୟକ୍ତିଗତ ଫାଇଦା ରଖୁଛନ୍ତି ତେଣୁ ଏଥିପାଇଁ ସଂକଟରେ ପଡୁଛନ୍ତି । ଏହି ଲୋକର ମଧ୍ୟ ନିୟତ (ଉଦ୍ଦେଶ୍ୟ) ଜଣାପଡୁଛି ଠିକ୍ ନଥିଲା । ଏହି ସମୟରେ ଜଣେ ବନ୍ଧୁ ଯିଏ ବହୁତ ନେକ୍ (ପୁଣ୍ୟବାନ୍) ଥିଲେ ବିବାହ କରିବାକୁ ଚାହିଁଲେ । ଉକ୍ତ ଲୋକ ଯିଏ କହିଥିଲେ ଯେ ବିବାହ ରେଜିଷ୍ଟର ବନାଯାଉ । ତାଙ୍କର ଗୋଟିଏ ଝିଅ ଥିଲା । ତାଙ୍କ ଘରକୁ ସେହି ନେକ୍ ଲୋକର ରିଷ୍ତା ପାଇଁ କୁହାଗଲା କିନ୍ତୁ ସେ ବାହାନା କରି ଉକ୍ତ ରିଷ୍ତାକୁ ମନା କରିଦେଲେ ଏବଂ ଝିଅକୁ ଅଣ ଅହେମଦୀ ଘରେ ବିବାହ ଦେଲେ । ଯେବେ ହଜରତ୍ ସାହେବଙ୍କୁ ଏ କଥା ଜଣାପଡ଼ିଲା ଆପଣ କହିଲେ ଆଜିଠାରୁ ମୁଁ ବିବାହ ବିଷୟରେ କୌଣସି ଦଖଲ ଦେବି ନାହିଁ । ଏହିପରି ଏ ପ୍ରସ୍ତାବ ତା ଯାଗାରେ ରହିଗଲା । କିନ୍ତୁ ସେ ସମୟରେ ଯଦି ଏହା ପରିଚାଳିତ ହୋଇଥାନ୍ତା ତେବେ ଆଜି ଅହେମଦୀଙ୍କୁ ହଇରାଣ ହେବାକୁ ପଡ଼ିନଥାନ୍ତା ଯାହା ଏବେ ହେଉଛି ।

(ବରକାତେ ଖିଲାଫତ୍, ଅନ୍‌ୱାରେ ଉଲୁମ୍
ଖଣ୍ଡ-୨, ପୃଷ୍ଠା-୨୦୯)

ବେଳେବେଳେ ନବୀଙ୍କ ସମ୍ମୁଖରେ କେବଳ ଗୋଟିଏ କଥା ଅମାନ୍ୟ ହେବା ଦ୍ୱାରା ତାହା ଯମାତ ପାଇଁ ସର୍ବଦା ଦୁଃଖର କାରଣ ହୋଇଯାଇଥାଏ । ଅନ୍ୟତ୍ର ବିବାହ ପରେ ବହୁତ ଲୋକ ତାଙ୍କ ଭୁଲର ପଶ୍ଚାତାପ୍ କରିଥାନ୍ତି ଏବଂ ଯେଉଁ ବଡ଼ ବଡ଼ ସମସ୍ୟାମାନ ଦେଖାଦେଇଥାଏ ତାହା ମଧ୍ୟ ଜାଣିପାରିଥାନ୍ତି । ଏବେ ମଧ୍ୟ କିଛି ପୁଅ ଓ ଝିଅ ଲେଖୁଛନ୍ତି କି, ସେମାନେ ତାଙ୍କ ମା' ବାପାଙ୍କ ନିଷ୍ପତିର କୁଫଳ ଭୋଗୁଛନ୍ତି । ଧର୍ମଠାରୁ ମଧ୍ୟ ଦୂରେଇଗଲେଣି । କିଛି ଶ୍ୱଶୁର ଘର ଲୋକ ଓ ସ୍ୱାମୀମାନେ ମଧ୍ୟ ମା' ବାପା ଓ ବନ୍ଧୁବାନ୍ଧବଙ୍କ ସହିତ ମିଳାମିଶା କରିବା ପାଇଁ ପାବନ୍ଦି କରିଦେଉଛନ୍ତି । କିନ୍ତୁ ଏପରି ଲୋକ ଯେଉଁମାନେ ନିଜର ବଡ଼ପଣିଆ ପାଇଁ ବେଳେବେଳେ ଭଲ ଭଲ ଅହେମଦୀ ବନ୍ଧୁଙ୍କୁ ପ୍ରତ୍ୟାଖ୍ୟାନ କରିଦେଉଛନ୍ତି, ଯେବେ କି ପୁଅ ଓ ଝିଅ ଏଥିରେ ଏକମତ ହୋଇ ରାଜି ହୋଇଥାନ୍ତି । ଅଧିକନ୍ତୁ କେତେ ଯାଗା ମୁଁ ନିଜେ ମଧ୍ୟ ପ୍ରସ୍ତାବ ଦେଇଛି । କିନ୍ତୁ (ସେମାନେ) ନିଜର ବଡ଼ପଣିଆ ପାଇଁ ମନା କରିଦେଲେ । ଯଦି ହଜରତ୍ ମସିହ୍ ମଉଦ[ଆ:ସ]ଙ୍କ ସମୟରେ ଏପରି କାର୍ଯ୍ୟ କରିବା ବ୍ୟକ୍ତି ଥିଲେ ତ ମୋ କଥାକୁ ନ ମାନିବା ବଡ଼ କଥା ନୁହେଁ । କିନ୍ତୁ ସେମାନଙ୍କର ବହୁତ ଦୁର୍ଦ୍ଦଶା ହୋଇଥାଏ । ଜର୍ମାନୀରେ ଏପରି ଗୋଟିଏ ଘଟଣା ଘଟିଥିଲା ଯେ ମା' ବାପା ଝିଅର ଇଚ୍ଛାନୁସାରେ ବାହା ଦେଲେ ନାହିଁ ବା ତା'ର ଜିଦି ପାଇଁ ତାକୁ ମାରିଦେଲେ ଏବଂ ବର୍ତମାନ ସେମାନେ ଜେଲରେ ଅଛନ୍ତି । ତେଣୁ ଅହେମଦୀ ପୁଅ ଝିଅ ଯଦି ବିବାହ କରିବାକୁ ଚାହୁଁଛନ୍ତି ତେବେ ତାଙ୍କ ମା' ବାପାଙ୍କୁ ଜିଦି କରିବା ଉଚିତ୍ ନୁହେଁ । ଜାତିପାତି ଓ ନିଜ ବଡ଼ପଣିଆ ପାଇଁ ଏପରି କରିବା ଉଚିତ୍ ନୁହେଁ ।

ବିବାହ ସମ୍ବନ୍ଧରେ ଝିଅମାନଙ୍କ ପାଇଁ ମଧ୍ୟ ସ୍ପଷ୍ଟ ହେବା ଉଚିତ୍ ଯେ ଯଦିଚ ଆଁହଜରତ୍ [ସ୍:ଆ:ସ] ଝିଅମାନଙ୍କୁ ତାଙ୍କର ଇଚ୍ଛା ଓ ସମ୍ମତିକୁ ଅନୁମତି ଦେଇଛନ୍ତି, କିନ୍ତୁ ଏଥି ସହିତ ଇସ୍‌ଲାମ୍ ଏହା ମଧ୍ୟ କରିବାକୁ ନିଶ୍ଚିତ କରିଛି ଯେ, ୱଲି (ମୁରବୀ)ଙ୍କ ବିନା ଅନୁମତିରେ ନିକାହ୍ ହେବ ନାହିଁ ।

ହଜରତ୍ ମୁସ୍ଲେହ୍ ମଉଦ [ର:ଅ] କହୁଛନ୍ତି କି ଅଲ୍ଲାଃତାଲା ବାସ୍ତବରେ ହଜରତ୍ ମସିହ୍ ମଉଦ ଆ:ସଙ୍କୁ ପ୍ରେରଣ କରିଛନ୍ତି, ଆମ ଶରିୟତ୍ ମଧ୍ୟ ଏହା କହୁଛି ଯେ, ୱଲିଙ୍କ ବିନା ଅନୁମତିରେ ନିକାହ୍ କରିବା ଅନୁଚିତ୍ । ଏହାଛଡ଼ା କେବଳ ସେହି ଅବସ୍ଥାରେ ହୋଇପାରିବ, ଯାହାର ଅନୁମତି ଶରିୟତ୍ ଦେଇଛି । ଏତଦ୍‌ବ୍ୟତୀତ ନା ନିକାହ୍ ସମ୍ପୂର୍ଣ୍ଣ ହେବ ନା ବୈଧ ହେବ । ତେଣୁ ଆମର କର୍ତବ୍ୟ ଯେ ଆମେ ଏହିପରି ଲୋକଙ୍କୁ ବୁଝାଇବା, ଯଦି ସେ ନ ବୁଝିବେ ତା'ହେଲେ ତାଙ୍କଠାରୁ ଅଲଗା ହୋଇଯାଅ ।

ଏହିପରି ଘଟଣା ହଜରତ୍ ମସିହ ମଉଦ ଆ:ସଙ୍କ ସମୟରେ ମଧ୍ୟ ଘଟିଛି । ଥରେ ଗୋଟିଏ ଯବାନ୍ ଝିଅ ବାପାଙ୍କ ବିନା ସମ୍ମତିରେ ଜଣକୁ ବିବାହ କରିବାକୁ ଚାହିଁଲେ । ସେ ଦୁଇଜଣ କାଦିୟାନ୍‌ର ନିକଟସ୍ଥ ନଙ୍ଗଲ ଗ୍ରାମକୁ ଚାଲିଗଲେ ଓ ଜଣେ ମୁଲ୍ଲାଙ୍କ ଦ୍ୱାରା ନିକାହ୍ ପଢ଼ାଇନେଲେ ଏବଂ କହିବୁଲିଲେ ଯେ, ତାଙ୍କର ବିବାହର ହୋଇଗଲା ବୋଲି । ତା'ପରେ କାଦିୟାନ୍ ଫେରିଆସିଲେ । ଯେତେବେଳ ହଜରତ୍ ମସିହ୍ ମଉଦ[ଆ:ସ] ଏକଥା ଜାଣିଲେ, ତାଙ୍କୁ କାଦିୟାନ୍‌ରୁ ବାହାର କରିଦେଲେ ଏବଂ କହିଲେ କି ଏହା ଶରିୟତ୍ ବିରୋଧ କାର୍ଯ୍ୟ ଅଟେ । ଏଠି ମଧ୍ୟ ଝିଅ ରାଜି ଥିଲା ଏବଂ କହୁଥିଲା ଯେ ମୁଁ ଏ ବ୍ୟକ୍ତିକୁ ବିବାହ କରିବି । କିନ୍ତୁ ୱଲିଙ୍କ ବିନା ଅନୁମତିରେ ସେ ନିକାହ୍ ପଢ଼ାଇ ନେଇଥିଲେ । ତେଣୁ ହଜରତ୍ ମସିହ୍ ମଉଦ [ଆ:ସ] ତାଙ୍କୁ କାଦିୟାନ୍‌ରୁ ବାହାର କରିଦେଲେ । ଏହିପରି ହଜରତ୍ ମୁସ୍ଲେହ୍ ମଉଦ [ର:ଅ]ଙ୍କ ସମୟରେ ମଧ୍ୟ ଗୋଟିଏ ନିକାହ୍ ହୋଇଥିଲା । ଆପଣ କହିଲେ କି, ''ଏ ନିକାହ ବୈଧ ନୁହେଁ ଏବଂ ଏହି କଥା ମୁଁ ପୁଅର ମାଆଙ୍କୁ କହିଛି'' । (ଜଣେ ସ୍ତ୍ରୀ ଲୋକ ଆସି କହିଥିଲେ କି, ଝିଅ ତ ରାଜି ଥିଲା, ମୋ ପୁଅ ନିକାହ କଲା ତ କ'ଣ ଭାସିଗଲା ?) ଆପଣ କହିଲେ ଯେ, ''ମୁଁ ତାଙ୍କୁ କହିଲି କି ଦେଖ ତୁମ ପୁଅକୁ ପ୍ରସ୍ତାବ ମିଳିଯାଇଛି, ତେଣୁ ତୁମେ କହୁଛ ଯେ ଯଦି ଝିଅ ରାଜି ତାହାହେଲେ ୱଲିଙ୍କ ସମ୍ମତିର କ'ଣ ଆବଶ୍ୟକ ? କିନ୍ତୁ ଦେଖ ତୁମର ମଧ୍ୟ ଝିଅ ଅଛନ୍ତି । ଯଦି ସେମାନେ ବିବାହ କରିନେଇଛନ୍ତି ତ ତାଙ୍କର ମଧ୍ୟ ଝିଅ ହେବେ । ତୁମେ କ'ଣ ପସନ୍ଦ କରିବ କି, ସେମାନଙ୍କ ମଧ୍ୟରୁ କୌଣସି ଝିଅ ଏହିପରି ଘରୁ ବାହାରି ଯାଇ କେଉଁ ପର ପୁଅ ସଙ୍ଗେ ଚାଲିଯାଉ ବୋଲି ?''

(ଖୁତ୍‌ବାତେ ମେହେମୁଦ୍ ଖଣ୍ଡ-୧୮, ପୃଷ୍ଠା-୧୭୫-୧୭୬)

ଯେପରି ପ୍ରଥମରୁ କୁହା ସରିଛି କି, ମା'ବାପାମାନେ ବିନା କାରଣରେ ଏପରି କଠୋର ହେବା ଉଚିତ୍ ନୁହେଁ କି ନିଜ ମିଛ ବଡ଼ପଣିଆ ଯୋଗୁଁ ପ୍ରସ୍ତାବକୁ ଏଡାଇ ଦିଅନ୍ତୁ । ଯାହାଦ୍ୱାରା ଜଣକୁ ହତ୍ୟା ପରି ନୃଶଂସ କାର୍ଯ୍ୟ ମଧ୍ୟ କରିବାକୁ ପଡ଼ିଥାଏ । ଝିଅମାନେ ନିଜେ ମଧ୍ୟ ଘରୁ ବାହାରି ଅଦାଲତକୁ ଯାଇ ବା କୌଣସି ମୁଲ୍ଲାଙ୍କ ଦ୍ୱାରା ନିକାହ୍ କରିବାକୁ ଇସଲାମ୍ ଅନୁମତି ଦିଏନାହିଁ । ଯଦି କୌଣସି ଏପରି ଅସୁବିଧା ଅଛି, ତେବେ ଝିଅମାନେ ମଧ୍ୟ ଖଲିଫାଙ୍କୁ ଲେଖିପାରିବେ, ଅବସ୍ଥାକୁ ଦେଖି ଯାହା ନିଷ୍ପତି କରାଯିବ ସେମାନେ କରିବେ । ତେଣୁ ଝିଅ ଓ ପୁଅମାନେ ଯଦି ଧର୍ମକୁ ସାଂସାରିକ ଜିବନ ଉପରେ ପ୍ରାଥମିକତା ଦେବେ ତେବେ ଅଲ୍ଲାଃତାଲା ମଧ୍ୟ ତା'ର ଆଶିର୍ବାଦ ଅର୍ପଣ କରିବେ ।

ଗୋଟିଏ ଖୁତ୍‌ବାରେ ହଜରତ୍ ମୁସ୍ଲେହ ମଉଦ[ର:ଅ] ଜିକ୍ରରେ ଏଲାହି (ଅଲ୍ଲାଃଙ୍କ ଗୁଣଗାନ) ଏବଂ ଅଲ୍ଲାଃଙ୍କ ସହିତ ସୁସମ୍ପର୍କ ରଖିବା ବିଷୟରେ ବର୍ଣ୍ଣନା କରି କହିଲେ ଯେ, ତା ସହିତ ପ୍ରଗାଢ଼ ପ୍ରେମ ପାଇଁ ତା'ର ବିଶେଷ ଗୁଣ ଗୁଡିକୁ ସାମ୍ନାରେ ରଖି ନିରୀକ୍ଷଣ କରିବା ଉଚିତ୍ ଏବଂ ସେହି ଗୁଣଗୁଡିକ ଜରିଆରେ ନିଜର ସମ୍ପର୍କକୁ ମଜ୍‌ବୁତ୍ କରିବାକୁ ହେବ । ଐଶ୍ୱରିକ ପ୍ରେମ ଓ ସାଂସାରିକ ପ୍ରେମ ପାଇଁ ଏହା ମଧ୍ୟ ପ୍ରଯୁଜ୍ୟ ଅଟେ । ପୁଣି ବିବାହ ସମ୍ବନ୍ଧରେ ଆପଣ କହୁଛନ୍ତି କି ''ପ୍ରେମ ପାଇଁ ଏହା ଜରୁରୀ ଅଟେ ଯେ, ତାହା ସାମନାରେ ଥିବ ବା ତା'ର ଫଟୋ ସାମ୍ନାରେ ଥିବ'' । ପୁଣି କହୁଛନ୍ତି ଯେ ଇସଲାମ୍ ମଧ୍ୟ ବିବାହ କରିବା ପୂର୍ବରୁ ଥରେ ଏକ ଆରେକ ଚେହେରାକୁ ଦେଖିନେବା ପାଇଁ ଅନୁମତି ଦେଉଛି । ଯଦି ଏହା କୌଣସି କାରଣରୁ ସମ୍ଭବ ନୁହେଁ ତା ହେଲେ ଫଟୋ ଦେଖିପାରିବ । ହଜରତ୍ ମୁସ୍ଲେହ ମଉଦ [ର:ଅ] ଦୃଷ୍ଟାନ୍ତ ଦେଇ କହୁଛନ୍ତି ଯେ, ''ମୋ ବାହାଘର ବେଳକୁ ମୋର ବୟସ କମ୍ ଥିଲା, ହଜରତ୍ ମସିହ ମଉଦ [ଆ:ସ] ଡାଃ ରଶିଦୁଦ୍ଦିନ୍ ସାହେବଙ୍କୁ ତାଙ୍କ ଝିଅର ଫଟୋ ପଠେଇବାକୁ ଲେଖିଲେ । ସେ ଫଟୋ ପଠାଇଲେ । ହଜରତ୍ ମସିହ ମଉଦ [ଆ:ସ] ସେ ଫଟୋକୁ ମତେ ଦେଇଦେଲେ । ମୁଁ ଯେତେବେଳେ କହିଲି ଏ ଝିଅ ମୋର ପସନ୍ଦ ଅଟେ ବୋଲି ତେବେ ଯାଇ ଆପଣ ମୋର ବିବାହ ସେଠାରେ କରାଇଲେ । ତେଣୁ ବିନା ଦେଖାରେ ପ୍ରେମ କିପରି ହୋଇପାରିବ ? ଏହାତ ଏପରି କଥା ଅଟେ କି, ଅଲ୍ଲାଃତାଲା ତୁମ ସାମ୍ନାରେ ଉପସ୍ଥିତ ଅଛନ୍ତି, କିନ୍ତୁ ତୁମେ ତୁମ ଆଖି ଉପରେ ହାତ ରଖି କହୁଛ ଯେ, ଅଲ୍ଲାଃତାଲାଙ୍କ ସହିତ ପ୍ରେମ ହୋଇଯାଉ । (ଏବେ ଐଶ୍ୱରିକ ପ୍ରେମ ସମ୍ବନ୍ଧରେ ଚର୍ଚ୍ଚା ଆରମ୍ଭ ହେଲା ଯେ ଅଲ୍ଲାଃଙ୍କ ସହିତ କିପରି ପ୍ରେମ ସ୍ଥାପନ ହେବ) ।

ହଜରତ୍ ମସିହ ମଉଦ [ଆ:ସ]ଙ୍କ ଏକ ପଦ ଅଛି

''ଦି ଦାର୍ ଗର୍ ନେହିଁ ହେ ତୋ ଗୁଫ୍‌ତାର ହି ସହି
ହୁସ୍‌ନୋ ଜମାଲେ ୟାର୍ କେ ଆସାର୍ ହି ସହି''

ଅର୍ଥାତ୍ କିଛି ତ ହେବା ଦରକାର, ଯଦି ପ୍ରେମିକ ସାମ୍ନାକୁ ନ ଆସେ ତାହେଲେ ତାର ସ୍ୱର ତ ଶୁଣିବାକୁ ମିଳୁ, ତା ସୁନ୍ଦରତାର କୌଣସି ଚିହ୍ନ ତ ଦେଖିବାକୁ ମିଳୁ । ଏହା ଅଲ୍ଲାଃତାଲାଙ୍କର ଫଟୋ ଅଟେ । ଅଲ୍ଲାଃଙ୍କ ଫଟୋ କଣ ? ଅଲ୍ଲାଃତାଲାଙ୍କର ବିଶେଷ ଗୁଣ ଗୁଡିକ ଅଟେ । ଯେପରି ରବ୍ (ପାଳନକର୍ତା), ରେହେମାନ୍ (ଅଶେଷ ଦୟାବାନ୍), ରହିମ୍ (ସଦା କରୁଣାମୟ), ମାଲେକେ ୟୋମିଦ୍ଦିନ୍ (ଅନ୍ତିମ ବିଚାର ଦିବସର ପ୍ରଭୁ), ସତ୍ତାର (ଦୋଷ ମାର୍ଜନାକାରୀ), କୁଦ୍ଦୁସ (ପବିତ୍ର), ମୋମିନ୍ (ଆସ୍ଥାବାନ), ମୁହେଁମିନ୍, ସଲାମ୍ (ନିରାପତା ପ୍ରଦାନକାରୀ), ଯବ୍ବାର (ଦଣ୍ଡ ବିଧାନକାରୀ), କହାର୍ (ପ୍ରଚଣ୍ଡ ପ୍ରତାପି) ଇତ୍ୟାଦି ଅନ୍ୟାନ୍ୟ ଐଶ୍ୱରିକ ଗୁଣ ବିଶେଷ ଗୁଡିକ ଅଛି । ଏହିପରି ନକ୍ସା, ଯାହା ମସ୍ତିଷ୍କରେ ଉଠିଥାଏ ଏବଂ ଏହି ଗୁଣଗୁଡିକୁ ଯେତେବେଳେ ଆମେ ବାରମ୍ବାର ନିଜ ମସ୍ତିଷ୍କରେ ଆଣୁ ଓ ଏହାର ଅର୍ଥକୁ ଅନୁଶୀଳନ କରି ଚିନ୍ତା କରୁ ତେବେ କୌଣସି ବିଶେଷ ଗୁଣ ଅଲ୍ଲାଃଙ୍କର କାନ ହୋଇଯାଇଥାଏ, କିଏ ଆଖି, କିଏ ହାତ ଏବଂ କେଉଁଗୁଣ ଶରୀର ସଦୃଶ ହୋଇଥାଏ । ଏହା ସବୁ ଏକାଠି ହୋଇ ଅଲ୍ଲାଃତାଲାଙ୍କର ସମ୍ପୂର୍ଣ୍ଣ ପ୍ରତିଛବିପରି ହୋଇଯାଏ ।

(ଅଲ୍ ଫଜଲ୍ ୧୮ ଜୁଲାଇ ୧୯୫୧, ପୃଷ୍ଠା-୫, ଖଣ୍ଡ-୫/୩୯, ସଂଖ୍ୟା-୧୬୬)

ତେଣୁ ଅଲ୍ଲାଃତାଲାଙ୍କର ପ୍ରେମ ପାଇଁ ସେହି ବିଶେଷ ଗୁଣ ଗୁଡିକୁ କଳ୍ପନା କରି ସର୍ବଦା ନିଜ ସମ୍ମୁଖରେ ରଖିବା ଦ୍ୱାରା ବାସ୍ତବ ଐଶ୍ୱରିକ ପ୍ରେମ ହାସଲ ହୋଇଥାଏ । ତେବେ ଯାଇ ମଣିଷ ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତ କରିବା ନିମନ୍ତେ ଚେଷ୍ଟା କରେ ।

ଜଣେ ପ୍ରକୃତ ମୋମିନଙ୍କୁ ଅଲ୍ଲାଃଙ୍କ ପାଇଁ ଧର୍ମୀୟ ଆତ୍ମସମ୍ମାନ ଓ ପ୍ରବଳ ଉତ୍ସାହ ଦେଖାଇବା ଉଚିତ୍ । ଏ ସମ୍ବନ୍ଧରେ ହଜରତ୍ ମୁସ୍ଲେହ ମଉଦ [ର:ଅ] ଗୋଟିଏ ସ୍ଥାନରେ କହୁଛନ୍ତି କି ''ହଜରତ୍ ମସିହ ମଉଦ [ଆ:ସ] ଙ୍କ ମୁଖରୁ ମୁଁ ବହୁତ ଥର ଶୁଣିଛି ଏବଂ ବହୁତ

ସାହାବା ମଧ୍ୟ ଆମ ଗହଣରେ ଜୀବିତ ଅଛନ୍ତି, ସେମାନେ ମଧ୍ୟ ଶୁଣିଥିବେ ଯେ, ଆପଣ କହୁଥିଲେ କି, କିଛି ଲୋକ ଏପରି ଅଛନ୍ତି ଯିଏ ପୁଣ୍ୟବାନ୍ ହୋଇଥିଲେ ମଧ୍ୟ ନିଜ ଅସ୍ୱସ୍ତିକର ପ୍ରକୃତି ଯୋଗୁଁ କୌଣସି ସିଦ୍ଧାନ୍ତରେ ପହଂଚି ପାରନ୍ତି ନାହିଁ । ଆପଣ ଆ:ସ କହୁଥିଲେ କି, ଜଣେ ଲୋକ ତାଙ୍କ ସାଙ୍ଗଙ୍କୁ ନିଜ ଝିଅର ରିସ୍ତା ଦେଖିବା ପାଇଁ କହିଲେ । କିଛି ଦିନ ପରେ ତାଙ୍କ ସାଙ୍ଗ ଆସି କହିଲେ ଯେ, ମୁଁ ଗୋଟିଏ ଭଲ ପ୍ରସ୍ତାବ ଆଣିଛି । ସେ କହିଲେ କି ପୁଅର ପରିଚୟ ଟିକିଏ ଦିଅ । ସେ କହିଲେ ପୁଅ ବହୁତ ଭଦ୍ର ଓ ଉତମ ପିଲା ଅଟେ । ସେ କହିଲେ ଆଉ କିଛି କୁହ, ସେ ଉତର ଦେଲେ କି ଭଲ ପିଲା ଆଉ କ'ଣ ? ପୁଣି ସେ କହିଲେ ତା ବିଷୟରେ ଆଉ କିଛି କୁହ (କେବଳ ଭଲ ପିଲା ହେବା ବଡ଼ କଥା ନୁହେଁ) ସେ ଉତର ଦେଲେ କି ଆଉ କ'ଣ ବତେଇବି ? କହିଲି ତ ସେ ବହୁତ ଭଲ ପିଲା । ଏହା ଶୁଣି ଝିଅର ବାପା କହିଲେ, ମୁଁ ତାଙ୍କ ସଙ୍ଗେ ରିସ୍ତା କରିପାରିବି ନାହିଁ । କାରଣ ଯାହାର ପରିଚୟ କେବଳ ଭଲ ଲୋକ ଛଡ଼ା ଆଉ କିଛି ନାହିଁ (ନା କୌଣସି କାମ, ନା ଆଉ କିଛି, କେବଳ ଭଲ ପିଲା ?) କାଲି ଯଦି କୌଣସି ଲୋକ ମୋ ଝିଅକୁ ଉଠେଇ ନେଇଯାଏ ତାହାଲେ ସେ ତାର ଭଲପଣିଆ ଯୋଗୁଁ ଚୁପ୍ ହୋଇ ବସିରହିବ । କିଛି ଲୋକ ଏପରି ଅଛନ୍ତି, ତାଙ୍କ ପାଖରେ କେବଳ ଭଲ ଲୋକି ଅଛି କିନ୍ତୁ ଧର୍ମୀୟ ଆତ୍ମସମ୍ମାନ ଓ ଧର୍ମୀୟ ଉତ୍ସାହ ନାହିଁ । (ଉପରକୁ ତ ସାଧାସିଧା ଏବଂ ମୋମିନ ମଧ୍ୟ ହୋଇଥାଆନ୍ତି, କିନ୍ତୁ ତାଙ୍କ ଭଲଲୋକି ହେବା ତାଙ୍କ ପାଇଁ ଓ ଜମାତ ପାଇଁ କ୍ଷତି ପହଂଚାଇଥାଏ ।

(ଖୁତ୍‌ବାତେ ମେହେମୁଦ୍, ଖଣ୍ଡ-୧୮, ପୃଷ୍ଠା-୨୦୬)

ତେଣୁ ଧର୍ମୀୟ ଆତ୍ମସମ୍ମାନ (ଗଇରତ୍) ଦେଖାଇବା ଉଚିତ୍ । କିଛି ଲୋକ ଜମାତ ଉପରେ ଏତେରାଜ୍ କରିଥାନ୍ତି ଏବଂ ସେହି ଭଲଲୋକି ଦେଖାଇବା ବ୍ୟକ୍ତି ସେମାନଙ୍କ ସଭାରେ ବସିଥାନ୍ତି, ଯାହା ବହୁତ ଖରାପ କଥା । କେବଳ ଭଲଲୋକ ପଣିଆର କୌଣସି ଅର୍ଥ ନାହିଁ । ଏପରି ସଭାରେ ବସିବା ଧର୍ମୀୟ ଭାବନାର ଗ୍ଲାନି ହୋଇଯାଇଥାଏ । ଅତି କମ୍‌ରେ ଏପରି କରିବା ଉଚିତ୍ ଯେ ସେହି ସଭାରୁ ଉଠିଯିବା କଥା ଏବଂ ଯଦି ଜଣାପଡ଼େ ଯେ ଏପରି ବାର୍ତାଳାପ ଭବିଷ୍ୟତରେ ଭୟାବହ ହେବ ତା'ହେଲେ ନିଜାମେ ଯମାତ (ସଙ୍ଗଠନ) କୁ ଜଣାଇଦେବା ଉଚିତ୍ ଏବଂ ନିଜାମେ ଯମାତ ଏହି ବିଷୟ ଖଲିଫାଙ୍କ ଜ୍ଞାତ ସାରରେ ଆଣିବା ଉଚିତ୍ ଯଦ୍ୱାରା ଏହାର ଯଥା ସମ୍ଭବ ନିରାକରଣ କରାଯାଇପାରିବ ।

ଏବେ ଗୋଟିଏ ଘଟଣା ଅଣ ଅହେମଦୀ ମୌଲବୀଙ୍କର ବର୍ଣ୍ଣନା କରୁଛି ଯିଏ ହଜରତ୍ ମସିହ ମଉଦ ଆ:ସ ଙ୍କ ବିରୋଧରେ କିପରି ସେ ଲୋକଙ୍କ ମନରେ ଘୃଣା ଓ ହିଂସାଭାବ ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଥିଲେ । ମିଛ କହୁଥିଲେ ଏବଂ ଏବେ ମଧ୍ୟ ମିଛ କହୁଛନ୍ତି । ଆପଣଙ୍କ ଉପରେ ଭଳିଭଳିକା ଲାଞ୍ଛନା ଲଗାଯାଇଥିଲା । ହଜରତ୍ ମୁସ୍‌ଲେହ ମଉଦ କହୁଛନ୍ତି କି ''ହଜରତ୍ ମସସିହ ମଉଦ ଆ:ସଙ୍କୁ ମଧ୍ୟ ଯାଦୁଗର ବୋଲି କହୁଥିଲେ । ମୋର ମନେଅଛି ଯେ, ମୋର ଜଣେ ବନ୍ଧୁ କହୁଥିଲେ କି ଫିରୋଜପୁର ଅଂଚଳରେ ଜଣେ ମୌଲବୀ ଭାଷଣ କରୁଥିଲେ କି ଅହେମଦୀଙ୍କର ପୁସ୍ତକ କଦାପି ପଢ଼ିବା ଉଚିତ୍ ନୁହେଁ । (ଜଣେ ଅଣଅହେମଦୀ ମୌଲବୀ ନିଜ ଲୋକଙ୍କୁ କହୁଥିଲେ କେ ଅହେମଦୀଙ୍କର ପୁସ୍ତକ ପଢ଼ିବା ଉଚିତ୍ ନୁହେଁ) ଏବଂ କଦାପି କାଦୀୟାନ୍ ଯିବା ଉଚିତ୍ ନୁହେଁ । ଏହିପରି ସେହି ମିଛୁଆ ନିଜର ମନଗଢ଼ା ଘଟଣା ମଧ୍ୟ ସେମାନଙ୍କୁ ଶୁଣାଇଦେଲା । କହିଲା ଥରେ ମୁଁ ଜଣେ ସମ୍ଭ୍ରାନ୍ତଙ୍କ ସହିତ କାଦିୟାନ୍ ଯାଇଥିଲି । ଆମେ ଅତିଥି ଭବନରେ ରହିଲୁ ଏବଂ ମିର୍ଜା ସାହେବଙ୍କ ସହିତ ଦେଖାହେବା ପାଇଁ ଅନୁରୋଧ କଲୁ । କିଛି ସମୟ ଭିତରେ ମୌଲବୀ ନୁରୁଦ୍ଦିନ୍ ସାହେବ ଆସିଲେ ଏବଂ ମଧୁର ମଧୁର କଥା କହିଲେ । ଅଳ୍ପ ସମୟ ପରେ ଜଣେ ଆମପାଇଁ ହଲ୍‌ୱା ଆଣିଲେ ଏବଂ ମୌଲବୀ ନୁରୁଦ୍ଦିନ୍ ସାହେବ କହିଲେ ଯେ ଏହା ଆପଣମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ମୌଲବୀ ଜଣକ କହିଲେ ମୁଁ ଏହା ଜାଣିଥିଲି ଯେ ଏହି ହଲ୍‌ୱାରେ ଯାଦୁ କରାଯାଇଛି, ତେଣୁ ମୁଁ ସେଥିରେ ହାତ ମଧ୍ୟ ମାରିଲି ନାହିଁ । କିନ୍ତୁ ମୋ ବନ୍ଧୁଙ୍କୁ ଜଣାନଥିଲା, ସେ ଖାଇଦେଲେ ଏବଂ ମୁଁ ବାହାନା କରି ଖସିଗଲି । ମୌଲବୀ ନୁରୁଦ୍ଦିନ୍ ସାହେବ୍ ଜାଣିପାରିଲେ ନାହିଁ କି ମୁଁ ଏ ହଲ୍‌ୱା ଖାଇନାହିଁ ବୋଲି । ଅଳ୍ପ ସମୟ ପରେ ମୋର ବନ୍ଧୁ ଯିଏ ହଲ୍‌ୱା ଖାଇଥିଲା, କହିଲା ଯେ ମୋ ମନ ଭିତରେ ଭିତରେ ଆନ୍ଦୋଳିତ ହେଉଛି ଏବଂ ମୁଁ ବୟତ୍ (ଦିକ୍ଷା) କରିବାକୁ ଚାହୁଁଛି, ଅର୍ଥାତ୍ ହଲ୍‌ୱାର ପ୍ରଭାବ ପଡ଼ିଗଲା । ଯେହେତୁ ମୁଁ ଖାଇନଥିଲି, ତେଣୁ ମୋ ଉପରେ ପ୍ରଭାବ ପଡ଼ିଲା ନାହିଁ । ଅଳ୍ପ ସମୟ ଭିତରେ ମିର୍ଜା ସାହେବ ନିଜ 'ଫିଟନ' ପ୍ରସ୍ତୁତ କରିଲେ । ସେଥିରେ ନିଜେ ବସିଲେ ଓ ମୌଲବୀ ନୁରୁଦ୍ଦିନ୍ ସାହେବଙ୍କୁ ମଧ୍ୟ ବସାଇଲେ, ମତେ ମଧ୍ୟ ସାଙ୍ଗରେ ବସାଇଲେ । ପୁଣି ମୌଲବୀ ସାହେବ କିପରି ମିଛି କହୁଛନ୍ତି- କହିଲେ, ମିର୍ଜା ସାହେବ ମୋ ସାଥିରେ କଥାବାର୍ତା କଲେ ମୁଁ ମଧ୍ୟ ପରୀକ୍ଷା କରିବା ପାଇଁ ହଁ ମାରିଚାଲିଲି । ସେ ଭାବିଲେ ଯେ ମୁଁ ହଲ୍‌ୱା ଖାଇଥିବାରୁ ନିଶ୍ଚିତ ମାନିଯିବି । କାରଣ ହଲ୍‌ୱାରେ ଯାଦୁ କରାଯାଇଥିଲା । ମୌଲବୀ ସାହେବ କହିବାକୁ ଲାଗିଲେ ଯେ ପ୍ରଥମେ ତ ସେ (ମିର୍ଜା ସାହେବ) କହିଲେ କି ମୁଁ ନବୀ ଅଟେ ପୁଣି କିଛି ସମୟ ପରେ କହିଲେ ମୁଁ ମୁହମ୍ମଦ୍ ସ:ଆ:ସଙ୍କ ଠାରୁ ବଡ଼ (ନଉଜୁବିଲ୍ଲାଃ) ପୁଣି କହିଲେ ମୁଁ ଖୁଦା ଅଟେ (ନଉଜୁବିଲ୍ଲାଃ) । ଏହି କଥା ଶୁଣି ମୁଁ କହିଲି ଅସତଗଫିରୁଲ୍ଲାଃ ଏହା ସବୁ ମିଥ୍ୟା ଅଟେ (ମୌଲବୀ ସାହେବ କହିଲେ) । ଏହା ଶୁଣି ମିର୍ଜା ସାହେବ ମୌଲବୀ ନୁରୁଦ୍ଦିନ୍‌ଙ୍କୁ ଆଶ୍ଚର୍ଯ୍ୟର ସହ ପଚାରିଲେ କଣ ତାଙ୍କୁ ହଲ୍‌ୱା ଦେଇନଥିଲ ? ସେ କହିଲେ ଖୁଆଇଥିଲି କିନ୍ତୁ ଯାଦୁ ହେଲାନାହିଁ, ବଡ଼ ଆଶ୍ଚର୍ଯ୍ୟର କଥା । କିନ୍ତୁ ଅଲ୍ଲାଃତାଲା ଏହିପରି ମିଛୁଆଙ୍କର ଭେଦକୁ ମୌକା ଦେଖି ଖୋଲିଦେଇଥାଏ । ତେଣୁ ଏହିପରି ଏଠି ମଧ୍ୟ ହେଲା । ସେହି ସଭାରେ ଜଣେ ଅଣ ଅହେମଦୀ ଓକିଲ ବସିଥିଲେ (ଯିଏ ଭଦ୍ର ସ୍ୱଭାବର ଥିଲେ) ଯିଏ ପୂର୍ବରୁ ହଜରତ୍ ଖଲିଫା ଅୱ୍‌ଲଙ୍କ ନିକଟକୁ ଚିକିତ୍ସା ପାଇଁ କାଦିୟାନ୍ ଆସିଥିଲେ, ଛିଡାହୋଇ କହିବାକୁ ଲାଗିଲେ ଯେ ମୋର ପ୍ରଥମରୁ ମୌଲବୀଙ୍କ ଉପରେ ଖରାପ ଧାରଣା ଥିଲା ଏବଂ ଭାବୁଥିଲି ଯେ ଏମାନେ ମିଛ କହନ୍ତି ବୋଲି । କିନ୍ତୁ ଆଜି ଜାଣିଲି ଯେ ଆପଙ୍କଠୁ ମିଛୁଆ ଆଉ କେହି ନାହିଁ । ପୁଣି ଓକିଲ ବାବୁ ଲୋକମାନଙ୍କୁ କହିଲେ ଯେ ଆପଣମାନେ ଜାଣନ୍ତି ମୁଁ ଅହେମଦୀ ନୁହେଁ, କିନ୍ତୁ ମୁଁ ଚିକିତ୍ସା ପାଇଁ ସେଠାକୁ ଯାଏ ଏବଂ ରହେ ମଧ୍ୟ । ଏ ମୌଲବୀ ଯାହାଯାହା କହିଲେ ସବୁ ଭୁଲ ଅଟେ । ସେଠି ଫିଟନ୍ ତ ଛାଡ ଗୋଟିଏ ଟାଙ୍ଗାଗାଡ଼ି ମଧ୍ୟ ନାହିଁ କେବଳ ଇକ୍କେ ଅଛି । ହଜରତ୍ ମୁସ୍‌ଲେହ ମଉଦ କହୁଛନ୍ତି ଯେ ଅଲ୍ଲାଃଙ୍କ ଏପରି ବିଧାନ ଯେ ଆଜି ପର୍ଯ୍ୟନ୍ତ ଏଠି ଫିଟନ୍ (ଏକ ପ୍ରକାର ଗାଡ଼ି) ନାହିଁ । ପୁଣି କହୁଛନ୍ତି ଯେ ଆଜିକାଲି ମଧ୍ୟ ଏପରି ଲୋକ ଅଛନ୍ତି ଯିଏ ଭାବୁଛନ୍ତି କି ଏଠି ଯାଦୁ ଅଛି ବୋଲି । ଏହାର କାରଣ ଏହା ଯେ ସେମାନେ ଦେଖୁଛନ୍ତି ଯେ ଯେଉଁମାନେ ଏହି ଜମାତରେ ମିଶୁଛନ୍ତି ତାଙ୍କୁ ମାଡ଼ ଓ ଗାଳି ଦିଆଯାଉଛି, ବେଇଜତ୍ କରାଯାଉଛି ତାଙ୍କ ଧନ ସମ୍ପତିକୁ ନଷ୍ଟ କରିଦିଆଯାଉଛି ତେବେ ମଧ୍ୟ ଏମାନେ ଅହେମଦିୟତ୍‌କୁ ନ ଛାଡ଼ି ଏଥିପ୍ରତି ଉତ୍ସର୍ଗୀକୃତ ରହୁଛନ୍ତି । ସେମାନେ ଭାବୁଛନ୍ତି ବାଡ଼ିଆପିଟା, ଗାଳିମନ୍ଦ ଏବଂ କ୍ଷତି ହେବା ଦ୍ୱାରା ଏମାନଙ୍କୁ ଡରିଯିବାର କଥା, କିନ୍ତୁ ଏହାର କିଛି ପ୍ରଭାବ ପଡୁନାହିଁ । ତେଣୁ କୌଣସି ଯାଦୁ ନିଶ୍ଚୟ ଅଛି । ଯଦ୍ୱାରା ସେମାନେ ନିଜ ବିଶ୍ୱାସରେ ଅଟଳ ରହୁଛନ୍ତି ।

(ଖୁତ୍‌ବାତେ ମହମୁଦ୍, ଖଣ୍ଡ-୨୩, ପୃଷ୍ଠା-୪୯୬-୪୯୮)

ଅଲ୍ଲାଃତାଲା ଏପରି ମିଛୁଆ ମୌଲବୀଙ୍କ କବଳରୁ ଏ ଜାତିକୁ ରକ୍ଷାକରନ୍ତୁ ଏବଂ ଲୋକଙ୍କୁ ବାସ୍ତବିକ ବାର୍ତା ପହଂଚାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମକୁ ମଧ୍ୟ ନିଜ ଦାୟିତ୍ୱକୁ ତୁଲାଇବା ପାଇଁ ଶକ୍ତି ଦିଅନ୍ତୁ । ନମାଜ ପରେ ମୁଁ ଦୁଇଟି ଯନାଜାଃ ପଢ଼ାଇବି, ଗୋଟିଏ ଯନାଜାଃ ଉପସ୍ଥିତ ଅଛି । ସେ ମୋକରମା ସକିନା ନାହିଦ୍ ସାହିବା ପୁତ୍ରୀ ମୋକରମ୍ ମହମଦ୍ଦିନ୍ ସାହେବ ମରହୁମ୍ ଜାମୁକାଶ୍ମୀରଙ୍କର ଅଟନ୍ତି ଏବଂ ମୋକରମ୍ ଶେଖ୍ ମହମ୍ମଦ ଶରିଫ୍ ସାହେବ ମରହୁମ୍‌ଙ୍କର ସ୍ତ୍ରୀ ଅଟନ୍ତି । ଏପ୍ରିଲ୍-୩ -୨୦୧୬ ତାରିଖ ରେ ୯୦ବର୍ଷ ବୟସରେ ଏହିଠାରେ ତାଙ୍କର କାଳ ହେଲା । ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଯେଉନ୍ ।

ମରହୁମାଙ୍କ ବଂଶରେ ତାଙ୍କ ବାପାଙ୍କ ଦ୍ୱାରା ଅହେମଦୀୟତ୍ ଆସିଥିଲା । କାଶ୍ମୀରରେ ବିରୋଧାଚରଣ (ମୁଖାଲିଫତ୍) ହେବା ସତ୍ୱେ ୧୬ ବର୍ଷ ବୟସରେ ବୟତ୍ କରିବାର ସୁଯୋଗ ପାଇଲେ । ବାହାଘର ପରେ ପଠାନ୍‌କୋର୍ଟରେ ରହିଲେ । ହଜତ୍ ଖଲିଫତୁଲ୍ ମସିହ ସାନି ଯେବେ ଡେଲହାଉଜି ଆସନ୍ତି ତାଙ୍କର ଅତିଥି ସତ୍କାର ସେ କରନ୍ତି । ପାକିସ୍ତାନ ହେବା ପରେ ସ୍ୱାମୀଙ୍କ ସହିତ ବଦୁମହେଲି ଚାଲିଗଲେ । ଏଠି ବହୁବର୍ଷ ପର୍ଯ୍ୟନ୍ତ ସଦର୍ ଲଜନାର ଦାୟିତ୍ୱ ତୁଲାଇଲେ । ୧୯୭୪ ମସିହାରେ ବିରୋଧିମାନେ ତାଙ୍କ ଘର ଜଳାଇ ସବୁ ଜିନିଷ ଲୁଟି ନେଲେ । କିନ୍ତୁ ସେ ବହୁତ ଧର୍ଯ୍ୟର ସହିତ ସମୟ ଅତିବାହିତ କଲେ । ପୁଣି ୟୁକେ ଚାଲି ଆସିଲେ । ବହୁତ ସ୍ନେହର ସହିତ ପିଲାଙ୍କୁ କୋରାନ୍ ପଢ଼ାନ୍ତି । ନିଜାମେ ଯମାତ୍ ଓ ଖିଲାଫତ୍ ସହିତ ଘନିଷ୍ଠ ସମ୍ପର୍କ ଥିଲା । ବହୁତ ଭଦ୍ର, ତହାଜ୍ଜୁଦ୍ ପଢ଼ିବା ବ୍ୟକ୍ତି, ନମାଜ ରୋଜାର ଅଧିକାରିଣୀ ଓ ଜଣେ ଚରିତ୍ର ସମ୍ପନ୍ନ ମହିଳା ଥିଲେ । ସେ ମୁସି ମଧ୍ୟ ଥିଲେ । ପଛରେ ୩ ଜଣ ପୁଅ ଓ ୩ ଜଣ ଝିଅ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ତାଙ୍କର ଆତ୍ମାର ସଦ୍‌ଗତି କରି ବୈକୁଣ୍ଠରେ ଉଚ୍ଚସ୍ଥାନ ଅର୍ପଣ କରନ୍ତୁ ।

୨ୟ ଯନାଜାଃ ମୋକରମ୍ ଶୌକତଗନି ସାହେବଙ୍କ ପୁଅଙ୍କର ଅଟେ, ଯିଏ ଆଜାଦ୍ କାଶ୍ମୀର୍‌ର ବାସିନ୍ଦା ଥିଲେ । ବର୍ତମାନ ରବ୍‌ୱାରେ ରହୁଛନ୍ତି । ସେ ପାକିସ୍ତାନ ଫୌଜି ଅଧିନରେ ସିପେଇ ରୂପେ ବେଲୁଚି ସ୍ଥାନରେ କାର୍ଯ୍ୟରତ ଥିଲେ । ୩-ଏପ୍ରିଲ-୨୦୧୬ ରେ ସନ୍ତ୍ରାଶବାଦୀଙ୍କ ଆକ୍ରମଣ ଦ୍ୱାରା ୨୧ ବର୍ଷ ବୟସରେ ନିଜ ଦେଶ ପାଇଁ ବଳିଦାନ ଦେଇ ଶହିଦ୍ ହୋଇଗଲେ । ଇନ୍ନା ଲିଲ୍ଲାହେ ୱ୍ ଇନ୍ନା ଇଲୈହେ ରାଯେଉନ୍ । ମୌଲବୀ ଆମ ଉପରେ ଇଲ୍‌ଜାମ୍ ଦେଉଛନ୍ତି କି, ଅହେମଦୀ ଦେଶର ଶତ୍ରୁ ଅଟନ୍ତି । ଏବେ ଶହିଦ ହେବା ବ୍ୟକ୍ତି ଓ ବଳିଦାନ ଦେବା ଲୋକ ଅହେମଦୀ ହିଁ ଅଟନ୍ତି ।

ଶହଦ୍ ମରୁହୁମ୍‌ଙ୍କ ବଂଶରେ ଅହେମଦୀୟତ୍ ତାଙ୍କ ଅଣଜେଜେ ମୋକରମ୍ କାଜି ଫିରୋଜୁଦ୍ଦିନ୍ ସାହେବର:ଅପୁତ୍ର ମୋକରମ୍ କାଜି ଖୈରୁଦ୍ଦିନ୍ ସାହେବଙ୍କ ଦ୍ୱାରା ଆସିଥିଲା । ଶହିଦ୍‌ଙ୍କ ବାପା ଅବଦୁଲ୍ ଗନି ସାହେବ ନିଜ କୁଟୁମ୍ବଙ୍କୁ ଧରି ଫେବୃୟାରୀ-୨୦୧୩ ରେ କାଶ୍ମୀରରୁ ହିଜରତ୍ କରି ରବ୍‌ୱା ଚାଲିଆସିଲେ ଏବଂ ସେଠାରେ ରହିଲେ । ଶହିଦ୍ ୪-ମଇ-୧୯୯୫ ମସିହାରେ ନଧେରୀ ଆଜାଦ୍ କାଶ୍ମୀରରେ ଜନ୍ମ ହୋଇଥିଲେ । ମେଟ୍ରିକ୍ ପରେ ଦେଢ଼ ବର୍ଷ ହେବ ଫୌଜିରେ ସିପେଇ ଭାବେ ନିଯୁକ୍ତି ହୋଇଥିଲେ । ଏବେ ଟ୍ରେନିଙ୍ଗ୍ ଶେଷ କରି ବର୍ତମାନ ସନ୍ତ୍ରାସବାଦୀଙ୍କ ବିରୋଧରେ ବେଲୁଚିସ୍ଥାନରେ ଡିୟୁଟି କରୁଥିଲେ । ଶହିଦ୍ ହେବାପରେ ଶହିଦ୍‌ଙ୍କର ମର ଶରୀର କରାଚି ରାସ୍ତା ଦେଇ ଲାହୋର ପୁଣି ରବ୍‌ୱା ଅଣାଗଲା । ଯେଉଁଠି ପୁରା ଫୌଜି ସମ୍ମାନ ସହିତ ଦଫନ କରିଦିଆଗଲା । ମରହୁମ୍ ନିଜାମେ ଓସିୟତ୍‌ରେ ସାମିଲ୍ ଥିଲେ । ଏତଦବ୍ୟତୀତ ସେ ବହୁତ ଉତମ ଗୁଣର ଅଧିକାରୀ ଥିଲେ । ଅତ୍ୟନ୍ତ ମେଳାପି, ସହାନୁଭୁତିଶୀଳ ଓ ଅତିଥି ସତ୍କାର କରୁଥିବା ବ୍ୟକ୍ତି ଥିଲେ । ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରୁଥିଲେ । ନିୟମିତ ନମାଜ ପାଠ କରନ୍ତି ଓ ଖିଲାଫତ୍ ସହିତ ଗଭୀର ନିଷ୍ଠା ଥିଲା । ଶହିଦ୍ ହେବା ଦୁଇଦିନ ପୂର୍ବରୁ ନିଜର ସମସ୍ତ ଚନ୍ଦା ପଇଠ କରିଦେଇଥିଲେ । ତାଙ୍କ କଣ୍ଠସ୍ୱର ମଧ୍ୟ ମଧୁର ଥିଲା । ଚାକିରି ସମୟରେ ଏକ ଉତ୍ସବରେ ହଜରତ୍ ମସିହ ମଉଦ ଆ:ସଙ୍କର ରଚିତ ନଜମ୍ (କବିତା)କୁ ବହୁତ ସୁନ୍ଦର କଣ୍ଠରେ ଆବୃତି କରିଥିଲେ । ସେଠାରେ ଉପସ୍ଥିତ ବହୁ ଅଣ ଅହେମଦୀ ତାଙ୍କର ପ୍ରଂଶସା କରି କହିଲେ ଯେ ଏହି ସୁନ୍ଦର କବିତାଟି କିଏ ରଚନା କରିଛନ୍ତି, ଆମେ ଏହା ପୂର୍ବରୁ କେବେ ତ ଶୁଣି ନଥିଲୁ । ତାଙ୍କର ଲୋକମାନଙ୍କ ସହିତ ସୌହାର୍ଦ୍ଦ୍ୟ ଓ ସହାନୁଭୁତି ବହୁ ଉଚ୍ଚକୋଟୀର ଥିଲା । ଚାକିରି ଆରମ୍ଭରେ ଥରେ ତାଙ୍କୁ ୪ ମାସର ଦରମା ଏକା ସଙ୍ଗେ ମିଳିଲା, ଯାହାକୁ ସେ ସେହି ସମୟରେ ଶହିଦ୍ ହୋଇଥିବା ଜଣେ ଫୌଜୀଙ୍କ ପରିବାରକୁ ଉପହାର ସ୍ୱରୂପ ପ୍ରଦାନ କରିଦେଇଥିଲେ । ଅଥଚ ସେ ଏକା ନିଜ ଘରର ସମସ୍ତ ଭରଣ ପୋଷଣର ଦାୟିତ୍ୱ ବହନ କରୁଥିଲେ । ଶହିଦ୍‌ଙ୍କ ପିତା କୁହନ୍ତି ଯେ ସେହିଦିନ ରାତିରେ ସେ ସ୍ୱପ୍ନରେ ଦେଖିଲେ ତାଙ୍କ ଶହିଦ୍ ପୁଅ ପରିବାରର ମୃତ୍ୟୁବରଣ କରିଥିବା ବୟୋଜେଷ୍ଠ ବ୍ୟକ୍ତିମାନଙ୍କ ଗହଣରେ ବସିଥିଲେ ଏବଂ ତାଙ୍କ ମୁଖ ମଣ୍ଡଳରେ ଅତ୍ୟନ୍ତ ଶୁଭ୍ର ରଙ୍ଗ ଭରା ଆଲୋକ ପଡୁଥିଲା । ଯାହାଦ୍ୱାରା ତାଙ୍କ ଚେହେରା ଅତି ଜ୍ୟୋତିର୍ମୟ ହୋଇଉଠିଲା । ଯାହା ଅନ୍ୟମାନଙ୍କଠାରୁ

ସ୍ୱତନ୍ତ୍ର ଲାଗୁଥିଲା । ରବ୍‌ୱାରେ ରହିବା ସମୟରେ ବିଭିନ୍ନ କାର୍ଯ୍ୟରେ ମଗ୍ନ ରହୁଥିଲେ । ସେ ଜଇମ୍ ଥିଲେ ଓ ସାଧାରଣ ପ୍ରଶାସନ କାର୍ଯ୍ୟ ମଧ୍ୟ ତୁଲାଉଥିଲେ । ଗୋଟିଏ ମସ୍‌ଜିଦ୍‌ରେ କିଛି କାଳ ପର୍ଯ୍ୟନ୍ତ ଖାଦିମ୍ (ସେବକ) ରୂପେ କାର୍ଯ୍ୟ କରିଥିଲେ । ସେ ବିବାହ କରିନଥିଲେ । ପରିଜନବର୍ଗଙ୍କ ମଧ୍ୟରେ ବାପା ମୋକରମ୍ ଅବ୍‌ଦୁଲ୍ ଗନି ସାହେବ, ମାତା ମୋକରମା ଗୁଲାମ୍ ଫାତିମା ସାହିବା, ଦୁଇ ଭାଇ ଓ ଦୁଇ ଭଉଣୀ ଅଛନ୍ତି । ଅଲ୍ଲାଃତାଲା ଶହିଦ୍‌ଙ୍କ ଆତ୍ମାର ସଦ୍‌ଗତି କରନ୍ତୁ ଓ ବୈକୁଣ୍ଠରେ ଉଚ୍ଚସ୍ଥାନ ପ୍ରଦାନ କରନ୍ତୁ ଏବଂ ତାଙ୍କ ପରିଜନବୃନ୍ଦଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଶହିଦ୍ ମୁସି ଥିଲେ, ଯାହା ମୁଁ ପୂର୍ବରୁ କହିସାରିଛି । ଯୁମା ପରେ ମୁଁ ଏହି ଦୁଇଜଣଙ୍କ ନମାଜ ଯନାଜାଃ ପଢ଼ାଇବି ।

*ପୃଷ୍ଠା ନଂ-୧୨ ର ଅବଶିଷ୍ଟାଂଶ.....................*

ହଜରତ ମୁସଲେହ ମଉଦ ର.ଆ ନିଜ ପିଲାବେଳର ଦୁଇଟି ଘଟଣାର ଚର୍ଚ୍ଚା କରିଛନ୍ତି । ତାହା ଏପରିକି ଏକଦା ହଜରତ ମସିହ ମଉଦ ଆ.ସ ଙ୍କ ସାଥିରେ ସେ ମୁଲତାନ ଯାଇଥିଲେ । ଫେରିବା ସମୟରେ ହଜୁର ଲାହୋର ଠାରେ କିଛି ଦିନ ରହିଲେ । ସେତେବେଳେ ସେଠାରେ ମୂର୍ତ୍ତୀ ପ୍ରଦର୍ଶନୀ ପଡିଥାଏ । ଯେଉଁଠାରେ ମହମ ନିର୍ମିତ ରାଜା, ମହାରାଜାଙ୍କର ପ୍ରତିମୂର୍ତ୍ତୀ ମାଧ୍ୟମରେ ଇତିହାସ ସମ୍ବନ୍ଧରେ ଅବଗତ କରାଯାଉଥିଲା । ଶେଖ୍ ରହମତୁଲ୍ଲାଃ ସାହେବ ହଜୁର ଆ.ସଙ୍କୁ ସେଠାକୁ ଯିବାକୁ ମନ୍ତବ୍ୟ ଦେଲେ । କିନ୍ତୁ ହଜୁର ନିଜର ଅନିଚ୍ଛା ପ୍ରକାଶ କଲେ । ତାପରେ ସେ ମୋତେ (ମୁସଲେହ ମଉଦ ର.ଆଙ୍କୁ) ଯିବାକୁ ବାଧ୍ୟ କଲେ । ସେତେବେଳେ ମୋର ବାଲ୍ୟାବସ୍ଥା,ତେଣୁ ମୁଁ ହଜୁର ଙ୍କ ନିକଟରେ ପ୍ରଦର୍ଶନୀ ଦେଖି ଯିବା ପାଇଁ ଜିଦ୍ କଲି ଏବଂ ଆପଣ ମୋତେ ପ୍ରଦର୍ଶନୀ, ଦେଖାଇ ନେଇଗଲେ । ତେବେ କେବଳ ମୋର ଜିଦି କରିବାରେ ଆପଣ ମୋତେ ସେଠାକୁ ନେଇନଥିଲେ ବରଂ ଅନେକ ଲୋକ ଆପଣଙ୍କୁ ମତ ଦେଇଥିଲେ କି ତାହା ଏକ ଇତିହାସ ସମ୍ବନ୍ଧିୟ ଜ୍ଞାନ ବର୍ଦ୍ଧକ ପ୍ରଦର୍ଶନୀ ଯାହାର ଦେଖିବାରେ କୌଣସି ଅସୁବିଧା ନାହିଁ । ଯଦି ଆପଣ ମନେକରିଥାନ୍ତେ କି ତାହା ଦେଖିବା ଇସଲାମୀୟ ଶିକ୍ଷା ବିପରୀତ ଅଟେ ତେବେ ମୋର ଜିଦ୍ ସତ୍ୱେ ଆପଣ ସେଠାକୁ ଯାଇନଥାନ୍ତେ । କିନ୍ତୁ ପ୍ରକୃତରେ ତାହା ଏକ ଶିକ୍ଷଣୀୟ ପ୍ରଦର୍ଶନୀ ଥିଲା ତେଣୁ ଆପଣ ସେଠାକୁ ନିଜ ପୁତ୍ରକୁ ସାଥିରେ ନେଇ ଚାଲିଗଲେ ।

ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଦ୍ୱିତୀୟ ଘଟଣା ଏହି କି ଯେ,ମୁଫ୍‌ତି ମହମ୍ମଦ ସାଦିକ୍ ସାହେବ କିମ୍ବା ତାଙ୍କର କୌଣସି ସନ୍ତାନର ଦେହ ଅସୁସ୍ଥ ଥିଲା । ତେଣୁ ତାଙ୍କୁ ଦେଖିବା ନିମନ୍ତେ ହଜୁର ଆ.ସ ଚାଲିଗଲେ । ପ୍ରତ୍ୟାବର୍ତ୍ତନ ସମୟରେ ମୁଁ ଦେଖିଲି ସହରର ସୁନେହରୀ ମସଜିଦ୍ ପାହାଚ ନିକଟରେ କିଛି ଲୋକ ଜମା ହୋଇ ହଜୁର ଆ.ସଙ୍କୁ ଗାଳିଗୁଲଜ କରୁଥିଲେ । ଯେତେବେଳେ ସେମାନଙ୍କ ପାର୍ଶ୍ୱଦେଇ ଗାଡି ଅତିକ୍ରମ କଲା, ମୁଁ ଲୋକଙ୍କ ଗହଳି ଦେଖି ମନେକଲି କି ସମ୍ଭବତଃ ଏଠାରେ କୌଣସି ମେଳା ଲାଗିଛି । ତେଣୁ ତାହାକୁ ଦେଖିବା ନିମନ୍ତେ ମୁଁ ଗାଡି ବାହାରକୁ ମୁଣ୍ଡ ବାହାର କଲି । ସେହି ଘଟଣା ଆଜି ମଧ୍ୟ ମୋର ମନେ ଅଛି କି ସେମାନଙ୍କ ମଧ୍ୟରୁ ଜଣକର ହାତ କଟିଯାଇଥିଲା ଏବଂ ସେଥିରେ ହଳଦି ଲଗା ପଟି ବନ୍ଧା ହୋଇଥିଲା,ସେ ସେହି ଭଙ୍ଗା ହାତକୁ ଅନ୍ୟ ହାତ ସହ ମାରି ବଡ ସାହସର ସହ କହୁଥାଏ କି ମିର୍ଜା ଦୌଡି ପଳାଇଲା,ମିର୍ଜା ଦୌଡି ପଳାଇଲା । ଦେଖ ତାହାର ହାତ ଭାଙ୍ଗି ଯାଇଛି ଏବଂ ସେଥିରେ ପଟି ଲଗା ହୋଇଛି । ତଥାପି ସେ ନିଜର ଏପରି ଅବସ୍ଥାରେ ଅହମଦିୟତକୁ ନଉଜୁବିଲ୍ଲାଃ ମୂଳପୋଛ କରିଦେବ ବୋଲି ମେନେକରୁଛି । କିପରି ଭୟଙ୍କର ଶତ୍ରୁତା,ଯାହାକି ସେମାନଙ୍କ ହୃଦୟରେ ଆମପ୍ରତି ଭରି ରହିଛି ଏବଂ ଏଥିପାଇଁ କିପରି ସେମାନେ ପ୍ରାଣପଣେ ଉଦ୍ୟମ ଚଳାଇଛନ୍ତି । ଯେପରିକି ଲୋକମାନଙ୍କୁ କାଦିଆନ ଆସିବାକୁ ଓ ଅହମଦି ନହେବା ପାଇଁ ରୋକିବା,ଇତ୍ୟାଦି । ଏପରି ଅନେକ ଅହମଦି ଅଛନ୍ତି ଯେଉଁମାନେ ହଜୁର ଆ.ସଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ କାଦିଆନ ଆସୁଥିଲେ । କିନ୍ତୁ ମହମ୍ମଦ ହୁସେନ ବଟାଲଓୀ ସେମାନଙ୍କୁ ବଟାଲାରୁ ମିର୍ଜା ସାହେବଙ୍କ ବିରୁଦ୍ଧରେ ବିଭିନ୍ନ କଥା କହି ଫେରାଇ ଦେଉଥିଲା । ହ.ମୁସଲେହ ମଉଦ ର.ଆ କୁହନ୍ତି ମୁଁ ଶୁଣିଛି ପ୍ରାରମ୍ଭିକ ସମୟରେ ମୌ.ଅବଦୁଲ୍ ମାଜିଦ୍ ସାହେବ ଭାଗଲପୁରୀ ତାଙ୍କରି କଥାରେ ଭ୍ରମିତ ହୋଇ ବୟତ କରିବାରୁ ବଂଚିତ ରହିଗଲେ । ତେବେ ଏହା ମୌ.ମହମ୍ମଦ ହୁସେନ ବଟାଲଓୀର ନିତିଦିନିଆ କର୍ଯ୍ୟଥିଲା ଯେ ସେ ବଟାଲା ଷ୍ଟେଶନରେ ଆସି ବସିରୁହେ ଏବଂ ଯେକେହି କାଦିଆନ ଯିବାର ଜାଣନ୍ତି ତାଙ୍କୁ ଧରି ମିର୍ଜା ସାହେବଙ୍କ ସମ୍ବନ୍ଧରେ ବିଭିନ୍ନ ଅକଥନିୟ କଥା କହି ଭ୍ରମିତ କରିଥାନ୍ତି ।

ଯେପରି ସେଠାକୁ ଯାଇ କଣ ପାଇବ,ସେଠାକୁ ଗଲେ ତୁମର ବିଶ୍ୱାସ ନଷ୍ଟ ହେବ ଇତ୍ୟାଦି । ଯଦ୍ୱାରା ଅନେକ ତାଙ୍କୁ ଜ୍ଞାନୀ ଓ ସତ୍ୟବାଦୀ ମନେକରି ଭ୍ରମିତ ହୋଇ ଘରକୁ ଫେରିଯାଇଥାନ୍ତି । ତେବେ ମୌଲବିମାନେ ସାଧାରଣ ଲୋକଙ୍କୁ ଏପରି ଭ୍ରମିତ କରିବା ଯୋଗୁଁ ଅଜ୍ଞ ଲୋକମାନେ ଆମ ପ୍ରତି ଏପରି ଆଚରଣ କରୁଥିଲେ । ଯେମିତି କି ଜଣେ ହାତ ଭଙ୍ଗା ଲୋକ ହଜୁର ଆ.ସ ଙ୍କ ବିରୁଦ୍ଧରେ ସ୍ୱର ଉତୋଳନ କରିବା ଉପରେ ଚର୍ଚ୍ଚା କରି ଆସିଲି ।

ତେବେ ସେ ଯାହା ହେଉ ଆମ ବିରୋଧୀ ମୌଲବିମାନେ ଅହମଦିୟତକୁ ମୂଳୋତ୍ପାଟନ କରିବା ନିମନ୍ତେ ସର୍ବଦା ଚେଷ୍ଟାରତ ଏବଂ ଆଗକୁ ମଧ୍ୟ ଏହିପରି ଚେଷ୍ଟା କରିଚାଲିଥିବେ ତଥାପି, ଆମ ଜମାଅତ ପ୍ରସାର ଲାଭ କରିଚାଲିଛି ଏବଂ କରିଚାଲିଥିବ । କାରଣ ଏହା ଅଲ୍ଲାଃତାଲା ଧାର୍ଯ୍ୟ କରି ସାରିଛନ୍ତି କି ହଜରତ ମହମ୍ମଦ ସ.ଆ ଙ୍କର ସଚ୍ଚୋଟ ଦାସଙ୍କ ଜମାଅତ ହିଁ ପ୍ରସାର ଲାଭ କରିବ (ଇନଶା ଅଲ୍ଲାଃ) ।

ଅଲ୍ଲାତାଲା ଆମକୁ ଶକ୍ତି ପ୍ରଦାନ କରନ୍ତୁ କି ଆମେ ନିଜ ଭିତରେ ପବିତ୍ର ପରିବର୍ତ୍ତନ ଆଣିବାରେ ସକ୍ଷମ ହେବା ଯାହାକି ହଜୁର ଆ.ସ ଆମ ମଧ୍ୟରେ ଦେଖିବାକୁ ଚାହୁଁଥିଲେ ଏବଂ ଆମେ ଜଣେ ସଚୋଟ ମୁସଲମାନର ନମୁନା ପ୍ରଦର୍ଶନକାରୀ ହୋଇ, ନିଜ ଚିନ୍ତାଧାରାକୁ ପବିତ୍ର ଓ ଉଜ୍ୱଳ କରି ନିଜ ହୃଦୟରେ ଅଲ୍ଲାଃଙ୍କ ଭୟ ଭରିଦେବା ।

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତତ୍, ଅଂଚ, ଅଂଟ ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ‘‘ରବ୍‌ବନା ଲା ତୁଜିଗ୍ କୁଲୁବନା ବାଆଦା ଇଜ୍ ହଦୈତନା ଓ୍ୱ ହବ୍‌ଲନା ମିଲ୍ଲଦୁନ୍‌କା ରହମତନ୍ ଇନ୍ନକା ଅନ୍ତଲ୍ ଓ୍ୱହାବ’’ ।

ଅର୍ଥାତ୍ - ହେ ଆମର ପାଳନ କର୍ତ୍ତା, ଆପଣ ଆମକୁ ହେଦାୟତ ଦେବା ପରେ ଆମ ହୃଦୟକୁ ସଙ୍କୋଚିତ କରନ୍ତୁନାହିଁ ଏବଂ ଆପଣ ଆମ ଉପରେ ଆଶିର୍ବାଦ ପ୍ରଦାନ କରନ୍ତୁ । ବାସ୍ତବରେ ଆପଣ ହିଁ ବହୁତ (ଆଶିର୍ବାଦ) ପ୍ରଦାନକାରୀ ଅଟନ୍ତି ।

# ଖୁତ୍‌ବା ଜୁମା

- ପବିତ୍ର କୋରାନ୍‌ରେ ନମାଜ ପାଠ କରିବା ପ୍ରତି ଅନେକ ସ୍ଥାନରେ (ମୁସଲମାନମାନଙ୍କୁ) ଧ୍ୟାନ ଆକର୍ଷିତ କରାଯାଇଛି । କେଉଁଠାରେ ନମାଜର ହିଫାଜତ୍ କରିବାର ତ କେଉଁ ସ୍ଥାନରେ ନିୟମିତ ଭାବରେ (ନମାଜ) ପାଠ କରିବାର ଆଦେଶ ରହିଛି । ପୁଣି କେଉଁଠାରେ ଉଚିତ୍ ସମୟରେ ପାଠ କରିବାର ଏବଂ ଏଥିପାଇଁ ସମୟ ମଧ୍ୟ ଧାର୍ଯ୍ୟ କରିଦେଲେ । ଯେଉଁ ସମୟରେ ଜଣେ ମୋମିନ୍ ନମାଜ ପାଠ କରିବା ଉଚିତ୍ । ତେବେ କହିବାର କଥା ହେଲା କି ନମାଜ ପାଠ କରିବା ଏବଂ ତାହାର ବିଶେଷଣ ସମ୍ବନ୍ଧରେ ଜଣେ ମୋମିନ୍‌କୁ ବାରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି । ପୁଣି ମଣିଷ ଜନ୍ମର ମୂଳ ଉଦ୍ଦେଶ୍ୟ ଅଲ୍ଲାଃଙ୍କ ଉପାସନା କରିବା ଦର୍ଶାଇ ଦେଲେ ।
- ଆମ୍ଭର ସୌଭାଗ୍ୟ କି ଆମେ ଯୁଗର ଇମାମଙ୍କୁ ସ୍ୱୀକାର କରିନେଇଛେ, ଯେ ଆମ୍ଭକୁ ଉପାସନାର ସଠିକ୍ ମାର୍ଗ ଦର୍ଶାଇ ଦେଇଛନ୍ତି ଏବଂ ଆମ୍ଭକୁ ଉପାସନାର ଆବଶ୍ୟକତାର ରହସ୍ୟ ବୁଝାଇ ଆପଣ ନିଜ ଯମାତକୁ ନମାଜ ପାଠ କରିବା ପାଇଁ ବାରମ୍ବାର ତାଗିଦ୍ କରିଛନ୍ତି । ଏହାର ବିଶେଷଣ ବିସ୍ତାର ରୂପେ ବର୍ଣ୍ଣନା କଲେ ଯଦ୍ୱାରା ଆମେ ନମାଜର ଗୁରୁତ୍ୱପୂର୍ଣ୍ଣତା ବୁଝି ନିଜ ନମାଜକୁ ସୌନ୍ଦର୍ଯ୍ୟମୟ କରିପାରିବା ।
- ହଜରତ୍ ମସିହ ମଉଦ ଆ:ସ କହିବା ମୁତାବକ ନମାଜର ଗୁରୁତ୍ୱ, ରହସ୍ୟ, ନମାଜ ପାଠ ଉପରେ ନୀୟମାନୁବର୍ତ୍ତିତା ଏବଂ ନମାଜ ପାଠରେ ଆନନ୍ଦ ଓ ସନ୍ତୋଷ ଲାଭ କରିବା ସମ୍ବନ୍ଧରେ ବିଶେଷ ନିର୍ଦ୍ଦେଶ ।
- ଯେଉଁମାନେ ମସ୍‌ଜିଦ୍ ନିକଟରେ ରହୁଛନ୍ତି ସେମାନେ ନିଜ ମସ୍‌ଜିଦ୍ କିମ୍ବା ନମାଜ ସେଂଟର୍‌ରେ ଯାଇ ନୀୟମିତ ଭାବେ ନମାଜ ପାଠ କରିବା ଉଚିତ୍ । ବିଶେଷ କରି ଫଜର ନମାଜ । କେବଳ ଏଠାରେ ନୁହେଁ ବରଂ ସଂସାରର ପ୍ରତ୍ୟେକ ସ୍ଥାନରେ (ଅହେମଦି) ନିଜ ମସ୍‌ଜିଦ୍‌ଗୁଡ଼ିକୁ ଆବାଦ କରିବା ଉଚିତ୍ । ବିଶେଷ କରି କର୍ମକର୍ତ୍ତା, କର୍ମୀ ତଥା ଉସ୍‌ଗୀମାନେ ଯଦି ଏଥିପ୍ରତି ଧ୍ୟାନ ଦିଅନ୍ତି ତେତେ ନମାଜରେ ଉପସ୍ଥିତି ବେଶ ବଢ଼ିଯାଇପାରନ୍ତା ।
- ଏ ଚିନ୍ତାଧାରା ଭଲ ଅଟେ କି ସ୍ୱାସ୍ଥ୍ୟ ଠିକ୍ ଅଛି ତ ସବୁକିଛି ଠିକ୍ କିମ୍ବା ଅମକ ଅମକ କାମ କଲେ ସ୍ୱାସ୍ଥ୍ୟ ଭଲ ରହିବ କିମ୍ବା ରୋଗ ହେଲେ ଅମକ ଔଷଧ ଖାଇଲେ ଭଲ ହୋଇଯିବ । ମନେରଖ ! ଏ ସବୁ ଅଲ୍ଲାଃଙ୍କ ଆଦେଶ ଅନୁଯାୟୀ ଚାଲିଥାଏ । ଯଦି ଅଲ୍ଲାଃତାଲା ନ ଚାହାଁନ୍ତି ତେବେ ମଣିଷର (ସମସ୍ତ ଚେଷ୍ଟା) ବିଫଳ ହୋଇଥାଏ । ସୁତରାଂ ଯାହାଙ୍କ ଆଦେଶକ୍ରମେ ସବୁ ଚାଲିଥାଏ ତାଙ୍କ ସମ୍ମୁଖରେ ସର୍ବଦା ନତମସ୍ତକ ହୋଇ ରହିବା ଉଚିତ୍ । ତାଙ୍କରି ଉପାସନା କରିବା ଉଚିତ୍ । ତାଙ୍କ ସହ ସମ୍ପର୍କ ଯୋଡ଼ିବା ଉଚିତ୍ । ଅତଏବ ନମାଜ ଆମ ଜନ୍ମ ହେବାର ଉଦ୍ଦେଶ୍ୟ ସାର୍ଥକ କରିବା ସହିତ ଆମର କାମ ଯାହାକି ଅସମ୍ଭବ ମନେ ହୋଇଥାଏ ତାହା ଅଲ୍ଲାଃଙ୍କ ସହ ସମ୍ପର୍କ ଯୋଗୁଁ ସମ୍ଭବ ହୋଇଯାଇଥାଏ ।
- ଶ୍ରୀମତୀ ଅସଗର୍ ବେଗମ୍ ସାହେବାଃ ସ୍ୱାମୀ-ଂଶ୍ରୀମାନ ଶେଖ୍ ରହମତୁଲ୍ଲାଃ ସାହେବ ଯେକି କରାଚିର ପୂର୍ବତନ ଅମିର ଥିଲେ ତାଙ୍କର ଉତମ ଚର୍ଚ୍ଚା ଓ ନମାଜ ଜନାଯାଃ ଗାଏବ ପଢ଼ିବାର ଘୋଷଣା କଲେ ।

## ଖୁତ୍‌ବା ଜୁମା: ସୟଦନା ହଜରତ ଅମିରୁଲ ମୁମେନିନ ଖଲିଫତୁଲ ମସିହ ପଂଚମ[ଅ.ବ]
## (ପ୍ରଦତ:୧୫ ଅପ୍ରେଲ ୨୦୧୬ ଅନୁଯାୟୀ ୧୫ ହିଜରତ୍ ୧୩୯୫ ହି.ଶ)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔
اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ତଶହୁଦ୍, ତଫଉଜ ଏବଂ ସୁରେଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ - ପବିତ୍ର କୋରାନର ଅନେକ ସ୍ଥାନରେ ଅଲ୍ଲାଃ ନମାଜ ପାଠର ନିର୍ଦ୍ଦେଶ ଦେଇଛନ୍ତି । ଯେମିତିକି ନମାଜର ସୁରକ୍ଷା,ନିରନ୍ତର ଭାବରେ ଏହାର ସମ୍ପର୍ଣ୍ଣ,ଠିକ୍ ସମୟରେ ପାଠ କରିବା ଇତ୍ୟାଦି ପାଇଁ ମୋମିନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ନମାଜର ବିଶେଷତ୍ୱ ଓ ତାହାର ସମ୍ପର୍ଣ୍ଣ ନିମନ୍ତେ ଅଲ୍ଲାତାଲା ଜଣେ ମୋମିନକୁ ବାରମ୍ବାର ନିର୍ଦ୍ଦେଶ ଦେଇଛନ୍ତି । ପୁଣି ଉପାସନାକୁ, ମଣିଷ ଜନ୍ମର ଉଦ୍ଦେଶ୍ୟ ଦର୍ଶାଇଛନ୍ତି । ଯେପରିକି ଅଲ୍ଲାଃ କୁହନ୍ତି-**ଓମା ଖଲକତୁଲ୍ ଜିନ୍ନା ଓଲ ଇନ୍‌ସା ଇଲ୍ଲା ଲିୟାବୁଦୁନ** ଅର୍ଥାତ ଆମେ ଜିନ୍ନ ଓ ମାନବକୁ କେବଳ ନିଜ ଉପାସନା ନିମନ୍ତେ ସୃଷ୍ଟି କରିଅଛୁ । କିନ୍ତୁ ଏହି ଉଦ୍ଦେଶ୍ୟକୁ ଭୁଲି ସେ ସେଥିରୁ ଦୂରେଇ ଯାଉଛି ।

ହଜରତ ମସିହ ମଉଦ ଆ.ସ କୁହନ୍ତି ତୁମ ସୃଷ୍ଟିର ଉଦ୍ଦେଶ୍ୟ ଅଲ୍ଲାଃଙ୍କ ଉପାସନା କରିବା ଧାର୍ଯ୍ୟ କରିଛନ୍ତି । କିନ୍ତୁ ତୁମେ ଏହାକୁ ଭୁଲି କେବଳ ଖାଇବା,ପିଇବା ଓ ସୋଇବାକୁ ନିଜ ଜୀବନର ଲକ୍ଷ ମନେକରିନେଇଛ । ଯଦ୍ୱାରା ତୁମେ ଅଲ୍ଲାଃଙ୍କ କୃପାରୁ ବଂଚିତ ରହିବା ସହ ତୁମ ପ୍ରତି ଥିବା କର୍ତବ୍ୟରୁ ଅଲ୍ଲାଃଙ୍କୁ ଦୂରେଇ ଦେଇଛ । ହୁଜୁର ଅନଓର ଅ.ବ କହିଲେ ତେବେ ବିଶ୍ୱାସ ଆଣିବାର ଘୋଷଣା କରୁଥିବା ବ୍ୟକ୍ତି ସମସ୍ତ ଚେଷ୍ଟା ଓ୍ୱାନର ସହ ଏହି କୃପା ଲାଭ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଉପାସନାର ଲକ୍ଷ କିପରି ପୂରଣ ହେବ ? ଏଥିପାଇଁ ଇସଲାମ ଆମକୁ ପାଞ୍ଚବେଳା ନମାଜ ପାଠର ନିର୍ଦ୍ଦେଶ ଦେଇଛି । ହଦିସରେ ବର୍ଣ୍ଣିତ ଅଛି ଯେ,ନମାଜ ଉପାସନାର ସାର ଅଟେ । ସୁତରାଂ ଏହି ସାରତତ୍ୱ ହାସଲ କରି ହିଁ ଆମେ ଉପାସନାର ଲକ୍ଷ ପୂରଣ କରିପାରିବା । (୨) (ଆମ୍ଭର ସୌଭାଗ୍ୟ ଯେ ଆମେ ଯୁଗର ଇମାମଙ୍କଙ୍କୁ ସ୍ୱୀକାର କରିନେଇଛେ, ଯେ ଆମ୍ଭକୁ ଉପାସନାର ସଠିକ୍ ମାର୍ଗ ଦର୍ଶାଇବା ସହିତ ଆମ୍ଭକୁ ଉପାସନାର ରହସ୍ୟ ଓ ତାହାର ଗୁରୁତ୍ୱ ବୁଝାଇ ଦେଇଛନ୍ତି । ଆପଣ ନିଜ ଜମାଅତକୁ ନମାଜ ପାଠ କରିବା ପାଇଁ ବାରମ୍ବାର ତାଗିଦ୍ କରିଛନ୍ତି, ପୁଣି ତାହାର ବିଶେଷଣ ବିସ୍ତାର ରୂପେ ବର୍ଣ୍ଣନା କରିଛନ୍ତି, ଯଦ୍ୱାରା ଆମେ ନମାଜର ଗୁରୁତ୍ୱପୂର୍ଣ୍ଣତା ବୁଝି ନିଜ ନମାଜକୁ ସୌନ୍ଦର୍ଯ୍ୟପୂର୍ଣ୍ଣ କରିପାରିବା ।

ଏଥି ସମ୍ବନ୍ଧରେ ବର୍ତମାନ ହଜରତ ମସିହ ମଉଦ[ଆ:ସ]ଙ୍କର କିଛି ତଥ୍ୟ ଉପସ୍ଥାପନ କରୁଅଛି ।

କେତେକ ସମୟରେ ପାଗ ଖରାପ ଯୋଗୁଁ କିମ୍ବା ରାସ୍ତା ଅପ୍ରସସ୍ତ ହେବା ଯୋଗୁଁ ବିଶେଷ କରି ନମାଜ 'ଜରରେ ହାଜିର ହେବାରେ ଅଳସୁଆମି ହୋଇଯାଇଥାଏ । ପୁଣି କେତେକ ଲୋକ ନମାଜ ଜୋହର ଓ ଅସର ଜମା କରିଦେଇଥାନ୍ତି । ପୁଣି କେତେକ ଲୋକଙ୍କୁ ମୁଁ ଦେଖିଛି କାମର ବୋଝ ଯୋଗୁଁ ସଠିକ୍ ରୂପେ ନମାଜ ପାଠ କରିପାରିନଥାନ୍ତି । ତେବେ କହିବାର କଥା ହେଲା ପାଗ ଖରାପ ହେଉ ଅବା ରାସ୍ତା ଖରାପ ହେବା ଅବା କାମର ବୋଝ ହେଉ ନମାଜ ଛାଡ଼ିବା କିମ୍ବା କହିବା କି ଆମେ ତିନୋଟି ନମାଜ ଜମା କରି ଦେଇଛୁ । ଯେପରି ଏଠାରେ ନମାଜର ସମୟ ଖୁବ୍ ତିବ୍ରତାର ସହ ପଛକୁ ଆସୁଛି ଏବଂ ନମାଜ ଫଜରରେ ମାତ୍ର ଗୋଟିଏ ଦେଢ଼ ସ' ନମାଜି ହେଉଛନ୍ତି, କିନ୍ତୁ ବାହାର ଆସିଥିବା ଅତିଥିମାନଙ୍କ ଯୋଗୁଁ କଦାଚିତ ସଂଖ୍ୟା ବଢ଼ିଯାଉଛି । ହୁଜୁର ଆହୁରି କହିଲେ କି ସ୍ଥାନୀୟ ଲୋକମାନଙ୍କୁ ନିଜ ନମାଜ ସେଣରମାନଙ୍କରେ ଯାଇ ନମାଜ ପାଠ କରିବା ଉଚିତ୍,ବିଶେଷକରି 'ଜର ନମାଜ । କେବଳ ଏଠାରେ ନୁହେଁ ବରଂ ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରରେ ଅହମଦିମାନେ ନିଜ ସ୍ଥାନୀୟ ମସଜିଦଗୁଡ଼ିକୁ ଆବାଦ କରିବା ପ୍ରତି ଯତ୍ନବାନ ହେବା ଉଚିତ୍ । ବିଶେଷ କରି ଯଦି ଜମାଅତର କର୍ମକର୍ତ୍ତା,କର୍ମୀ ଓ ଉସ୍‌ର୍ଗୀ ମାନେ ଏଥିପ୍ରତି ଧ୍ୟାନ ଦିଅନ୍ତି,ତେବେ ନମାଜରେ ଉପସ୍ଥିତି ବେଶ ବୃଦ୍ଧି ଘଟିବ ।

ଯନ୍ତ୍ରର ସହ ନିରନ୍ତର ଭାବରେ ନମାଜ ପାଠ ସମ୍ପର୍କରେ ହଜରତ ମସିହ ମଉଦ ଆ.ସ କୁହନ୍ତି କେତେକ ଲୋକ ମାତ୍ର ଗୋଟିଏ ବେଳା ନମାଜ ପଢିଥାନ୍ତି । ସେମାନଙ୍କୁ ମନେରଖିବା ଉଚିତ୍ ଯେ,ନମାଜର କ୍ଷମା ନାହିଁ । ଏପରିକି ଅବତାରମାନଙ୍କୁ ମଧ୍ୟ ନାହିଁ । ହଦିସରେ ବର୍ଣ୍ଣିତ ଅଛି ଏକ ଗୋଷ୍ଠୀ ହଜରତ ମହମ୍ମଦ ସ.ଆ ଙ୍କ ନିକଟକୁ ଆସି ନିବେଦନ କଲେକି ଆମକୁ ଅନେକ କାମ କରିବାକୁ ପଡୁଛି,ତେଣୁ ଆମ ପାଇଁ ନମାଜ କ୍ଷମା କରାଇଦିଅନ୍ତୁ । ଆପଣ ସେମାନଙ୍କୁ ଉତର ଦେଲେ ଯେଉଁ ଧର୍ମରେ ଅମଳ ନାହିଁ । ତାହା ଧର୍ମ ହିଁ ନୁହେଁ । ମୋ କଥା ଭଲଭାବରେ ମନେରଖି ଅଲ୍ଲାଃତାଲାଙ୍କ ଆଦେଶ ମୁତାବକ ଠିକ୍ ଠିକ୍ ଅମଳ କର । (୩) ଅଲ୍ଲାଃତାଲାଙ୍କ ନିଦର୍ଶନ ମଧ୍ୟରୁ ଗୋଟିଏ ଆକାଶ ଓ ପୃଥିବୀର ନିଜ ନିଜ ସ୍ଥାନରେ ଅବସ୍ଥାନ କରିବା ଅଟେ । କେତେକ ଲୋକ ଯେଉଁମାନଙ୍କ ସ୍ୱଭାବ ଡ଼ାକ୍ତରି ବିଜ୍ଞାନ ପ୍ରତି ଢ଼ଳିରହିଥାଏ, କହିଥାନ୍ତି କି ପ୍ରକୃତିର ନିୟମ ସ୍ୱୀକାର ଯୋଗ୍ୟ କାରଣ ଯଦି ଶରୀର ସୁସ୍ଥ ରହିବାର ନିୟମ ଉଲଙ୍ଘନ କରାଯାଏ ତେବେ ଇଶ୍ୱର ଭୟ ଓ ପବିତ୍ରତାରୁ କଣ ଉପକାର ମିଳିବ? ସାଂସାରିକ ଏଥି ସମ୍ବନ୍ଧରେ ଯୁକ୍ତ କରିଥାନ୍ତି ଯେ, ଶରୀର ସୁସ୍ଥ ରହିବା ନିମନ୍ତେ ଯେପରି ପଦକ୍ଷେପ ନିଆଯାଏ ତଦନୁଯାୟୀ ଅମଳ ନ କରାଯାଏ ତେବେ ଶରୀର କିଭଳି ସୁସ୍ଥ ରହିବ! ସେତେବେଳେ ଇଶ୍ୱର ଭୟ ଓ ପବିତ୍ରତାରୁ କଣ ମିଳିବ! ହଜରତ ମସିହ ମଉଦ ଆ.ସ କୁହନ୍ତି-ଅଲ୍ଲାଃତାଲାଙ୍କ ନିଦର୍ଶନ ମ୍ନରୁ ଏହା ମଧ୍ୟ ଏକ ନିଦର୍ଶନ ଯେ, କେତେକ ସମୟରେ ଔଷଧ ମଧ୍ୟ ନିରର୍ଥକ ହୋଇଥାଏ ଏବଂ ଶରୀର ସୁସ୍ଥ ରହିବାର ମାଧ୍ୟମଗୁଡ଼ିକ ମଧ୍ୟ କୌଣସି କାମରେ ଆସି ନଥାଏ, ଉଭୟ ପଦ୍ଧତି ମୂଲ୍ୟହୀନ ହୋଇଥାଏ । କିନ୍ତୁ ଯଦି ଅଲ୍ଲାତାଲା ଇଚ୍ଛା ତରନ୍ତି ତେବେ ଓଲଟା ସିଧା ହୋଇଯାଇଥାଏ । (ମଲଫୁଜାତ୍ ଭାଗ-୧, ପୃଷ୍ଠା-୨୬୩)

ପ୍ରକୃତ ଜିନିଷ ଅଲ୍ଲାଃଙ୍କ କୃପା ଅଟେ । ଏ ଚିନ୍ତାଧାରା ଭୁଲ ଅଟେ କି ସୁସ୍ଥ ରହିବା ସବୁକିଛି କିମ୍ବା ଅମକ ଅମକ କାର୍ଯ୍ୟ କଲେ ମଣିଷ ସୁସ୍ଥ ରହିଥାଏ । ଅଥବା ରୋଗ ହେଲେ ଅମକ ଔଷଧ ଶେବନ କଲେ ସ୍ୱାସ୍ଥ୍ୟ ଲାଭ ହେବ । ଦେଖ ସବୁକିଛି ଅଲ୍ଲାଃଙ୍କ ଆଦେଶ ମୁତାବକ ଘଟିଥାଏ । ଯଦି ଅଲ୍ଲାଃଙ୍କ ଆଦେଶ ନହୁଏ ତେବେ ସତ ଚେଷ୍ଟା କଲେ ମ୍ନ ତାହା ନିରର୍ଥକ ସାବ୍ୟସ୍ତ ହୋଇଥାଏ । ଅତଏବ ଯାହାଙ୍କ ଆଦେଶରେ ସମଗ୍ର ସଂସାର ଚଳପ୍ରଚଳ, ଆମ୍ଭକୁ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ ହେବା ଅର୍ଥାତ ତାଙ୍କର ଉପାସନା କରିବା ଏବଂ ତାଙ୍କ ସହ ସମ୍ପର୍କ ଯୋଡିବା ଆବଶ୍ୟକ । ସୁତରାଂ ନମାଜ ମଣିଷ ଜନ୍ମର ଲକ୍ଷ ପୂରଣ କରିବା ସହ ତାହାକୁ ବିପତି ଓ ଅସୁବିଧାରୁ ରକ୍ଷା କରିଥାଏ । କାରଣ ଅନେକ ଏପରି କାର୍ଯ୍ୟ ଯାହାକି ଆମକୁ ଅସମ୍ଭବ ମନେହୋଇଥାଏ,ଅଲାଃଙ୍କ ସହ ସମ୍ପର୍କ ଯୋଡିବା ଫଳରେ ତାହା ସମ୍ଭବ ହୋଇଯାଏ । ସୁତରାଂ ଯାହା କିଛି ହୋଇଥାଏ ସେସବୁ ଅଲ୍ଲାଃଙ୍କ ଆଦେଶରେ ହୋଇଥାଏ । ତେଣୁ ଅଧିକରୁ ଅଧିକ ଅଲ୍ଲାଃଙ୍କ କୃପା ଲାଭ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ କୁହନ୍ତି – ପ୍ରକୃତ କଥା ଏହି କି ଯେ, ଅଲ୍ଲାଃ ଯାହା ଇଚ୍ଛାକରନ୍ତି ତାହା ହିଁ ହୁଏ ସେ ନିର୍ଜନ ସ୍ଥାନକୁ ଜନ ଗହଳି ଏବଂ ଜନଗହଳି ସ୍ଥାନକୁ ନିର୍ଜନ କରିଦେଇଥାନ୍ତି । ଦେଖ ବାବୁଲ ସହରର ଅବସ୍ଥା କ'ଣ କଲେ । ଯେଉଁ ସ୍ଥାନରେ ମଣିଷର ଯୋଜନା ଥିଲା କି ତାହାକୁ ଜନ ବସତିରେ ପରିଣତ କରିବୁ ସେ ତାହାକୁ ଜନଶୂନ୍ୟ କରିଦେଲେ ଏବଂ ସେଠାରେ ପେଚା ରହିଲେ ଏବଂ ଯେଉଁଠାରେ ମଣିଷ ରହୁଁଥିଲା ବି ନିର୍ଜନ ରହିବ ତାହାକୁ ସେ ଜନ ସମାଗମର ପୀଠସ୍ଥଳି କରିଦେଲେ ଅର୍ଥାତ୍ କାବା ଖାନ୍ । ଭଲଭାବରେ ମନେରଖ ଅଲ୍ଲାଃଙ୍କୁ ଛାଡି ମାଧ୍ୟମ ଓ ଯୋଜନା ଉପରେ ଭରସା କରିବା ମୂର୍ଖାମୀ ଅଟେ । ଦେଖ ନିଜ ଚରିତ୍ର,ଆଚାର, ବ୍ୟବହାର ଏପରି ବଦଳାଇ ଦିଅ ଯେମିତି ମନେହେବ କି (ତୁମେ)ଏକ ନୂତନ ଜୀବନ ଲାଭ କରିଛ । ଅତ୍ୟଧିକ କ୍ଷମା ପ୍ରାର୍ଥନା କର,ଦେଖ ଯେଉଁମାନେ ସଂସାର ପ୍ରେମରେ ମଗ୍ନ ହୋଇ ଉପାସନା ନିମନ୍ତେ ଖୁବ କମ୍ ସମୟ ଦେଇଥାନ୍ତି । ସେମାନଙ୍କୁ ଅଧିକ ଇଶ୍ୱର ଭୟ କରିବା ଉଚିତ୍ ।)ଯେଉଁମାନେ ମନେକରିଥାନ୍ତି କି ସେମାନଙ୍କ ସାଂସାରିକ ଜଞ୍ଜାଳ ବେଶ୍ ଅଧିକ ଏବଂ ଉପାସନା ଓ ନମାଜ ପାଠ କରିବା ନିମନ୍ତେ ଆମ ନିକଟରେ 'ଫୁରସତ୍ ନାହିଁ, ସେମାନଙ୍କୁ ସବୁଠାରୁ ଅଧିକ କରିବା ଉଚିତ୍ । ସରକାରୀ କର୍ମଚାରୀମାନେ ସବୁଠାରୁ ଅଧିକ ଅଲ୍ଲାଃଙ୍କ ଉପାସନା କରିବାରେ ବଂଚି ତ ରହିଯାଇଥାନ୍ତି । ଏପରି ଅବସ୍ଥାରେ ସେମାନଙ୍କୁ ଜୋହର, ଅସର ଓ ମଗରିବ, ଇଶା ଜମା କରି ପଢ଼ିନେବା ଉଚିତ୍ । ହଜୁର କୁହନ୍ତି ମୁଁ ଏ କଥା ମଧ୍ୟ ଜାଣେ କି ଯଦି ହାକିମଠାରୁ ନମାଜ ପାଠର ଅନୁମତି ମଗାଯାଏ ତେବେ ସେ ଦେଇଦେବେ (ଯେଉଁଠାରେ ମଧ୍ୟ ତୁମେ କାର୍ଯ୍ୟରତ ଥାଅନା କାହିଁକି ଯଦି ତୁମେ ନିଜ ହାକିମକୁ ପ୍ରଭାବିତ କରିପାରିଥିବ, ତେବେ ନମାଜ ପାଠ ନିମନ୍ତେ ଅନୁମତି ମାଗିବା ଦ୍ୱାରା ସେ ନିଶ୍ଚିତ ଅନୁମତି ପ୍ରଦାନ କରିବେ) ହଜୁର କୁହନ୍ତି ଉଚ୍ଚ ପଦସ୍ଥ କର୍ମଚାରୀମାନଙ୍କୁ ସେମାନଙ୍କ ନିମ୍ନ କର୍ମଚାରୀମାନଙ୍କୁ ଏପରି ଅନୁମତି ଦେବାର ବିଶେଷ ନିର୍ଦ୍ଦେଶ ମଧ୍ୟ ରହିଥାଏ । ତେଣୁ ନମାଜ ଛାଡ଼ି ଏପରି ନିରର୍ଥକ ବାହାନା କରିବା ନିଜ ଦୁର୍ବଳତା ଦର୍ଶାଇବା ଛଡା ଅନ୍ୟ କିଛି ନୁହେଁ । ଅଲ୍ଲାଃଙ୍କ କର୍ତବ୍ୟ ଓ ସୃଷ୍ଟିର କର୍ତବ୍ୟ ସମ୍ପାଦନ କରିବାରେ (ନିଜ ଉପରେ ଏପରି) ଅତ୍ୟାଚାର କରନାହିଁ । ନିଜର କର୍ତବ୍ୟପୂର୍ଣ୍ଣ ନିଷ୍ଠାର ସହ ସମ୍ପାଦନ କର । (ମଲ'ଜତ୍ ଭାଗ-୧, ପୃଷ୍ଠା ସଂଖ୍ୟା-୨୬୫)

ହଜୁର ଅନଓର ଅ.ବ କହିଲେ ହଜରତ ମସିହ ମଉଦ ଆ.ସ ଆମଠାରୁ କେବଳ ଫରଜ ନମାଜ ପାଠ କରିବା ଆଶା କରିନାହାନ୍ତି ବରଂ ଏଥିସହିତ ନୱାଫିଲ ଓ ତହଜୁଦ ପାଠ ପ୍ରତି ମଧ୍ୟ ଆପଣ ଧ୍ୟାନ ଆକର୍ଷିତ କରି କୁହନ୍ତି – ଯଦି ଜୀବନର ପ୍ରତ୍ୟେକ ମୁହୂର୍ତ ସାଂସାରିକ କାର୍ଯ୍ୟରେ ଅତିବାହିତ ହୋଇଯାଏ, ତେବେ ପରକାଳ ପାଇଁ କଣ ସଂଚୟ କଲେ ? ତେଣୁ ବିଶେଷ କରି ତହଜୁଦ ନମାଜ ପାଇଁ ଉଠ ଏବଂ ଆଗ୍ରହର ସହ ତହଜୁଦ ପଢ । ଦିନ ବେଳାର ନମାଜରେ ସଂସାରିକ କାର୍ଯ୍ୟ ବାଧକ ସାଜିଥାଏ । ଦେଖ ଅଲ୍ଲାଃ ଆମ ସମସ୍ତଙ୍କର ଆବଶ୍ୟକତା ପୂରଣ କରିଥାନ୍ତି । ତେଣୁ ଉଚିତ୍ ସମୟରେ ନମାଜ ପାଠ କରିବା ଦରକାର । ଦେଖ ଦୁର୍ବଳତା ଓ ଅନ୍ୟାନ୍ୟ ଅସୁବିଧା ହେତୁ କଦାଚିତ ଦୁଇଟି ନମାଜକୁ ଏକତ୍ର ପଢିବାର ଅନୁମତି ରହିଛି । କିନ୍ତୁ ତିନୋଟି ନମାଜ ଏକତ୍ର ପାଠ କରିବାର ଅଦୌ ଅନୁମତି ନାହିଁ । ସରକାରୀ କର୍ମଚାରୀମାନେ ଅନେକ କ୍ଷେତ୍ରରେ ନିଜ ଭୁଲ ବଶତଃ ଦଣ୍ଡ କିମ୍ବା ଅଫିସରଙ୍କ ବିରକ୍ତିର କାରଣ ହୋଇଥାନ୍ତି । ତେଣୁ ଯଦି ଅଲ୍ଲାଃଙ୍କ ପାଇଁ କିଛି କଷ୍ଟ ବରଦାସ୍ତ କରନ୍ତି ତେବେ ସେଥିରେ ଅସୁବିଧା କଣ । କେତେକ ସ୍ଥଳେ ଲୋକେ ନିଜ ସାଂସାରିକ କାମଧନ୍ଦା ଓ କର୍ମକ୍ଷେତ୍ରରେ କୌଣସି ଦୋଷତ୍ରୁଟି ଯୋଗୁଁ ଦଣ୍ଡ ପାଇଥାନ୍ତି । ଯଦି ସେମାନେ ଅଲ୍ଲାଃଙ୍କ ଖାତିର୍ ଏପରି କି ଦଣ୍ଡ ପାଆନ୍ତି ତେବେ ଏହା ସେମାନଙ୍କ ପାଇଁ ଫାଇଦା ହିଁ ଫାଇଦା ଅଟେ । ସୁତରାଂ ଜଣେ ମୋମିନକୁ ସର୍ବଦା ମନେରଖିବା ଉଚିତ୍ । ବର୍ତମାନ ରାତି ଛୋଟ ହେବାରେ ଲାଗିଛି, ତେଣୁ ନା ରାତି ଛୋଟ ହେବା ଯୋଗୁଁ ଆମ୍ଭ ନମାଜ କଜା ହେବା ଉଚିତ୍ ନା ସାଂସାରିକ ଜଞ୍ଜାଳ ଆମ୍ଭକୁ ନମାଜ ପାଠ କରିବାରେ ବାଧକ ସାଜିବା ଉଚିତ୍ । ଏହି ଦୃଷ୍ଟିରୁ ଆମ୍ଭକୁ ସର୍ବଦା ନିଜର ନିରୀକ୍ଷଣ କରିବା ଆବଶ୍ୟକ ।

ଆମ୍ଭମାନଙ୍କ ମ୍ନରୁ ଅଧିକାଂଶ ନମାଜକୁ ନିଜ କର୍ତବ୍ୟ ମନେକରି ସମ୍ପାଦନ କରିଥାନ୍ତି ଏବଂ ତାହାର ସତ୍ୟତା ସଠିକ୍‌ରୂପେ ବୁଝିପାରିନଥାନ୍ତି । ଏହାର ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି– ନମାଜ କଣ ଅଟେ ? ଏକ ବିଶେଷ ଦୁଆ କିନ୍ତୁ ଲୋକେ ଏହାକୁ ଅଲ୍ଲାଃଙ୍କୁ କର ଦେବା ପରି ମନେକରୁଛନ୍ତି । ଏବଂ ଦେବାରେ ଭାରି କଷ୍ଟ ଅନୁଭବ କରୁଛନ୍ତି । ଅଜ୍ଞାନ(ବ୍ୟକ୍ତି)ଜାଣେ ନାହିଁ କି ଏସବୁ (ଦୁଆ ଓ ଗୁଣଗାନ) କରିବାରେ ଅଲ୍ଲାଃଙ୍କର କୌଣସି ଆବଶ୍ୟକତା ନଥାଏ । ବରଂ ଏଥିରେ ମଣିଷର ହିଁ ଉପକାର ସାଧିତ ହୋଇଥାଏ । ଏତଦ୍‌ଦ୍ୱାରା ସେ ନିଜ ଉଦ୍ଦେଶ୍ୟ ହାସଲ କରିଥାଏ । ମୋତେ ଏହା ଦେଖି ବେଶି କଷ୍ଟ ଲାଗେ କି ଆଜିକାଲି ଇଶ୍ୱର ଭୟ ଓ ଉପାସନା ପ୍ରତି ଆଗ୍ରହତା ନାହିଁ । ଏହାର କାରଣ ଏକ ବିଷାକ୍ତ ପ୍ରଥାର ପ୍ରଭାବ ଅଟେ, ଯେଉଁଥିପାଇଁ ଅଲ୍ଲାଃତାଲାଙ୍କ ପ୍ରତି ଭଲପାଇବା ଶୀତଳ ହୋଇଚାଲିଛି ଏବଂ ଉପାସନା କରିବାରେ ଯେଭଳି ସ୍ୱାଦ ହାସଲ କରିବା କଥା ସେଭଳି ସ୍ୱାଦ ମିଳୁନାହିଁ । ପୃଥିବୀରେ ଏଭଳି କୌଣସି ଜିନିଷ ନାହିଁ, ଯେଉଁଥିରେ ଅଲ୍ଲାଃତାଲା କିଛି ସ୍ୱାଦ କିମ୍ବା ଆନନ୍ଦ ରଖିନାହାଁନ୍ତି । ଆପଣ କୁହନ୍ତି ଯେଭଳି ଜଣେ ରୋଗୀ ସ୍ୱାଦିଷ୍ଟ ଖାଦ୍ୟର ସ୍ୱାଦରୁ ବଂଚିତ ରହିଥାଏ ଏବଂ ତାହା ତାକୁ ିକା ଓ ପିତା ଲାଗିଥାଏ । ସେହିପରି ଯେଉଁମାନେ ଅଲ୍ଲାଃଙ୍କ ଉପାସନାରୁ ଆନନ୍ଦ ଲାଭ କରୁନାହାନ୍ତି ସେମାନଙ୍କୁ ନିଜ (ଆଧ୍ୟାତ୍ମିକ ଅବସ୍ଥାରେ) ରୋଗାକ୍ରାନ୍ତ ଥିବାର ଚିନ୍ତା କରିବା ଉଚିତ୍ । ଦେଖ ଅଲ୍ଲାଃତାଲା ମଣିଷକୁ (ନିଜର) ଉପାସନା କରିବା ନିମନ୍ତେ ଜନ୍ମ ଦେଇଛନ୍ତି ତେବେ ଏହା କିଭଳି ସମ୍ଭବ ଯେ, ସେ ସେଥିରେ ତା'ପାଇଁ ଆନନ୍ଦ ଓ ସୁଖ ରଖିନାହାନ୍ତି । ଗୋଟିଏ ସ୍ଥାନରେ ସେ କୁହନ୍ତି କି ମୁଁ ତୁମକୁ ଜନ୍ମ ହିଁ ନିଜ ଉପାସନା କରିବା ପାଇଁ ଦେଇଛି, ପୁଣି ଅନ୍ୟ ପକ୍ଷେ ସେଥିରେ ଆନନ୍ଦ ହିଁ ରଖିନାହିଁ) ଆପଣ କୁହନ୍ତି ଆନନ୍ଦ ଓ ସୁଖ ତ ରହିଛି କିନ୍ତୁ ସେଥିରୁ କେହି ଉପକୃତ ତ ହୁଅ । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କୁହନ୍ତି–ଦେଖ ଯେତେବେଳେ ମଣିଷ ଉପାସନା କରିବା ନିମନ୍ତେ ହିଁ ଜନ୍ମିତ । ତେବେ ଉପାସନାରେ ଆନନ୍ଦର ମ୍ନ ସର୍ବୋଚ୍ଚ ସ୍ତର ହାସଲ କରିବା ଉଚିତ୍ । ଏକଥା ଆମ୍ଭେ ନିଜ ନୀତିଦିନିଆ କାର୍ଯ୍ୟରେ ପରିକ୍ଷା କରି ବେଶ ଭଲ ଭାବରେ ବୁଝିପାରିବା । (ପ୍ରତ୍ୟେକ କାର୍ଯ୍ୟରେ ଅଲ୍ଲାଃତାଲା ଏକ ପ୍ରକାର ଆନନ୍ଦ ରଖିଛନ୍ତି, ଯାହାକି ପ୍ରତିଦିନ ନିଜେ ପରିକ୍ଷା କରି ଜାଣିଥାଉ) ଉଦାହରଣ ସ୍ୱରୂପ ଚାଉଳ କିମ୍ବା ସମସ୍ତ ପ୍ରକାରର ଖାଇବା, ପରିବା ସାମଗ୍ରୀ ରହିଛି ସେଥିରୁ ଆମ୍ଭେ ଭିନ୍ନ ଭିନ୍ନ ସ୍ୱାଦ ପାଇଥାଉ । (ଅଧିକ ସ୍ୱାଦିଷ୍ଟ ଖାଦ୍ୟରୁ ଆମେ ଅଧିକ ଆନନ୍ଦ ପାଇଥାଉ) କ'ଣ ତାହାର ସ୍ୱାଦ ଦେବା ପାଇଁ ତା'ପାଟିରେ ଜିଭ ନାହିଁ? ପୁଣି କ'ଣ (ମଣିଷ) ସୁନ୍ଦର ଜିନିଷ ଯେପରିକି ବନସ୍ପତି, ଗଛ ଲତା ତଥା ପଶୁ ପକ୍ଷୀମାନଙ୍କୁ ଦେଖି ଆନନ୍ଦ ଉପଭୋଗ କରିନଥାଏ । ଖାଦ୍ୟ ଖାଇବାର ଆରମ୍ଭ କରି ପ୍ରକୃତିର ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ମଣିଷର ପ୍ରତ୍ୟେକ ଜିନିଷର ଆନନ୍ଦ ଉପଭୋଗ କରିଥାଏ । ପୁଣି ହୃଦୟ ମଧୁର ସ୍ୱର ଶୁଣି ତାହାର କାନ ଆନନ୍ଦିତ ହୋଇନଥାଏ? ଏହାପରେ ମ୍ନ କଣ ଏଥିପାଇଁ ଅନ୍ୟ କୌଣସି ପ୍ରମାଣର ଆବଶ୍ୟକତା ରହିଛି କି ଉପାସନାରେ ଆନନ୍ଦ ନାହିଁ (ଯଦି ସେ ସମସ୍ତ ଜିନିଷରେ ଆନନ୍ଦ ରହିଛି ତେବେ ଏହା କିପରି ସମ୍ଭବ ଯେ ଅଲ୍ଲାଃଙ୍କ ଉପାସନାରେ ଆତ୍ମତୃପ୍ତି ଓ ଆନନ୍ଦ ନାହିଁ, ତେଣୁ ଏସବୁ ପ୍ରମାଣିତ କରୁଛି ଯେ, ଅଲ୍ଲାଃତାଲାଙ୍କ ଉପାସନାରେ ନିଶ୍ଚିତ ରୂପେ ଆନନ୍ଦ ରଖିଛନ୍ତି) । ଅଲ୍ଲାଃତାଲା କୁହନ୍ତି କି ଆମେ ନାରୀ ଓ ପୁରୁଷ ସୃଷ୍ଟି କରି ପୁରୁଷକୁ ନାରୀ ପ୍ରତି ଆକର୍ଷିତ ହେବାର ଶକ୍ତି ରଖିଦେଇଛ, ସେଥିରୁ ବାଧ୍ୟବାଧକତା ନାହିଁ, ବରଂ (ପରସ୍ପରକୁ) ସେଥିରେ ଆନନ୍ଦ ଉପଭୋଗ କରିଥାନ୍ତି, ଯଦି କେବଳ ସନ୍ତାନ ଜନ୍ମ କରିବା ଉଦ୍ଦେଶ୍ୟ ଥାନ୍ତା ତେବେ ସେଥିରେ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇନଥାନ୍ତା, ଆପଣ କୁହନ୍ତି ଏଥିରେ

ଅଲ୍ଲାହ୍‌ତାଲାଙ୍କ ପ୍ରକୃତ ଉଦ୍ଦେଶ୍ୟ ଭକ୍ତଗଣ ଜନ୍ମଦେବା ଯେଉଁଥିପାଇଁ ସେ ପୁରୁଷ ଓ ନାରୀ ମଧ୍ୟରେ ସମ୍ପର୍କ ସ୍ଥାପନ କରାଇଲେ । ପୁଣି ସେଥିରେ ଏକ ଆନନ୍ଦ ମଧ୍ୟ ରଖିଦେଲେ । କିନ୍ତୁ ମୂର୍ଖମାନଙ୍କ ଏହାକୁ ହିଁ ନିଜର ମୂଳ ଉଦ୍ଦେଶ୍ୟ ମନେକରିଥାନ୍ତି । ଭଲଭାବରେ ମନେରଖ ଯେ,ଉପାସନା କରିବା କୌଣସି ବୋଝ କିମ୍ବା କର ଦେବା ପରି ନୁହେଁ ବରଂ ଏଥିରେ ଆତ୍ମ ସନ୍ତୋଷ ଓ ଆତ୍ମତୃପ୍ତି ରହିଛି ,ଯାହାକି ସଂସାରର ସମସ୍ତ ପ୍ରକାରର ଆନନ୍ଦ ଓ ସନ୍ତୋଷ ଠାରୁ ବଳିକରି ଅଟେ । ଯେପରି ଜଣେ ରୋଗୀ ଅତ୍ୟନ୍ତ ସ୍ୱାଦିଷ୍ଟ ଖାଦ୍ୟର ସ୍ୱାଦରୁ ବଚିଂତ ରହିଥାଏ । ସେହିପରି ଜଣେ ହତଭାଗା ବ୍ୟକ୍ତି ହିଁ ଈଶ୍ୱରଙ୍କ ଉପାସନାରୁ ଶାନ୍ତି ପ୍ରାପ୍ତ କରିବାରୁ ବଚିଂତ ରହିଥାଏ ।

ହଜୁର ଅନଓର ଅ.ବ କହିଲେ ଜଣେ ରୋଗୀ ରୋଗରେ ଆକ୍ରାନ୍ତ ହେବା ଫଳରେ ତା ପାଟିର ସ୍ୱାଦ ଚାଲିଯାଇଥାଏ ଯଦ୍ୱାରା ସେ ସ୍ୱାଦିଷ୍ଟ ଖାଦ୍ୟର ସ୍ୱାଦ ଉପଭୋଗ କରିପାରି ନଥାଏ । ଏହାର ଅର୍ଥ ନୁହେଁ ଯେ,ଖାଦ୍ୟ ଖରାପ ଅଟେ । ସେହିପରି ଯେ ନମାଜ ଓ ଉପାସନାରୁ ଆନନ୍ଦ ଉପଭୋଗ କରିନଥାଏ ତେବେ ତାହାର ଅର୍ଥ ନୁହେଁ ଯେ ଅଲ୍ଲାହ୍‌ତାଲା ନମାଜରେ ଆତ୍ମ ତୃପ୍ତି ଓ ଆନନ୍ଦ ରଖି ନାହାନ୍ତି । ପ୍ରକୃତରେ ମଣିଷର କୁଣ୍ଠାବୋଧ,ରୋଗ,ଅନିଚ୍ଛା ଯୋଗୁଁ ତାଙ୍କୁ ଉପାସନାରୁ ଶାନ୍ତି ଓ ଆନନ୍ଦ ମିଳି ନଥାଏ । ସୁତରାଂ ଆମ୍ଭକୁ ଏପରି ଉପାସନା କରିବା ଉଚିତ୍ ଯେଉଁଥିରୁ ଆତ୍ମଶାନ୍ତି, ପ୍ରକୃତ ସୁଖ ଓ ଆନନ୍ଦ ପ୍ରାପ୍ତ ହେବ ନା କି ଏକ ବୋଝ ମନେକରି ଗଳାରୁ ବାହାର କରିଦେବା । ଏପରି ଅବସ୍ଥାରେ ଯେପରିକି ଆମେ ଦେଖିଥାଉ କି କେତେକ ଲୋକ ଦୀର୍ଘ ରାତିମାନଙ୍କରେ ତ ନମାଜ ‘ଜରରେ ଉପସ୍ଥିତ ହୋଇଯାଇଥାନ୍ତି, କିନ୍ତୁ ଛୋଟ ରାତିମାନଙ୍କରେ ଉପସ୍ଥିତ ହୋଇନଥାନ୍ତି । ଏପରି ଲୋକଙ୍କ ଧ୍ୟାନ (ନମାଜରୁ) ଆନନ୍ଦ ହାସଲ କରିବା ପ୍ରତି ରହିବା ସହିତ ଅନ୍ୟାନ୍ୟ ନମାଜ ପାଠ କରିବା ପ୍ରତି ରହିବ ।

ଶାନ୍ତି ଓ ଆନନ୍ଦ ଲାଭ କରିବା ସମ୍ପର୍କରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ଦେଖୁଅଛି ଲୋକମାନେ ନମାଜ ପାଠରେ ଯେପରି ଅବହେଳା ଓ ଅଳସୁଆମି ଅବଲମ୍ବନ କରାଯାଉଛି । ମନେହେଉଛି ଯେମିତି ସେମାନଙ୍କୁ ନମାଜରେ ଥିବା ଶାନ୍ତି ଓ ଆନନ୍ଦ ବିଷୟରେ ଜଣା ହିଁ ନାହିଁ । ମୂଳ କାରଣ ଏହି କି ଯେ, (ସେମାନଙ୍କୁ ତାହାର ଜ୍ଞାତ ନାହିଁ) ପୁଣି ସହର ଓ ଗାଁରେ ଆହୁରି ଅଧିକ ଅଳସୁଆମି ଓ ଖାମଖିଆଲି ମନୋଭାବ ଦେଖିବାକୁ ମିଳିଥାଏ । ମାତ୍ର ୫୦ ଭାଗ ଲୋକେ ମ୍ଭ ପୂର୍ଣ୍ଣ ସତେଜ ଓ ପ୍ରକୃତ ଆଗ୍ରହତାର ସହ ନିଜ ସୃଷ୍ଟିକର୍ତ୍ତାଙ୍କ ସମ୍ମୁଖରେ ନତମସ୍ତକ ହୋଇନଥାନ୍ତି, ତେବେ ଏଠାରେ ପ୍ରଶ୍ନ ଉଠିଥାଏ କି କାହିଁକି ସେମାନେ ଏଥି ସମ୍ବନ୍ଧରେ ଅଜ୍ଞ କିମ୍ବା କାହିଁକି ସେମାନେ ଏହାର ସ୍ୱାଦ ପାଇବାରୁ ବଂଚିତ ରହିଛନ୍ତି । ଧର୍ମରେ ଏପରି ଆଦେଶ ନାହିଁ ନା କଦାପି ଏଭଳି ହୋଇଛି କି ଆମେ ନିଜ କାମରେ ବ୍ୟସ୍ତ ଓ ମୌଜିନ ତେଣେ ଅଜାନ୍ ଦେଇଥାଏ କିନ୍ତୁ ତାହା ଶୁଣିବା ପାଇଁ କେହି କାନ ଦେଇନଥାନ୍ତି ନା ସେମାନଙ୍କର ଶୁଣିବା ପାଇଁ ଆଗ୍ରହ ଅଛି । ଯେପରିକି (ଅଜାନ ଶୁଣିଲେ) ସେମାନଙ୍କ ହୃଦୟକୁ କଷ୍ଟ ଲାଗିବ (ଅର୍ଥାତ୍ ଅଜାନ ଶୁଣିବା ଦ୍ୱାରା ନମାଜ ପଢ଼ିବାକୁ ଯିବାକୁ ପଡିବ, ତେଣୁ ସେଥିପାଇଁ ଧ୍ୟାନ ହିଁ ଦେଇନଥାନ୍ତି) ଏପରି ବ୍ୟକ୍ତି ବିଶେଷ ଦୟାର ପାତ୍ର, ଏଠାରେ ମଧ ଏମିତି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ଦୋକାନ ମସଜିଦ୍ ତଳେ କିନ୍ତୁ କଦାଚିତ୍ ନମାଜରେ ଯାଇ ଛିଡା ହୋଇନଥାନ୍ତି । ତେଣୁ ମୁଁ କହିବାକୁ ଚାହୁଁଛି ଯେ,ନମାଜରେ ମଗ୍ନ ହୋଇ ଦୁଆ କରିବା ଉଚିତ୍ । ଯେମିତି ପ୍ରତ୍ୟେକ ‘ଫଳ ଓ ଜିନିଷର ଭିନ୍ନ ଭିନ୍ନ ସ୍ୱାଦ ରହିଛି ସେହିପରି ନମାଜ ଓ ଉପାସନାର ସ୍ୱାଦ ଭିକ୍ଷା କରିବା ଉଚିତ୍ । ଦେଖ ଯେତେବେଳେ କେହି ଏକ ସୁନ୍ଦର ଜିନିଷକୁ ଆଗ୍ରହର ସହ ଦେଖେ,ସେ ତାହାକୁ ଭଲଭାବରେ ମନେ ରଖିଥାଏ । ପୁଣି ଯେତେବେଳେ କୌଣସି ଅସୁନ୍ଦର ଓ ଘୃଣ୍ୟ ବସ୍ତୁ ଦେଖେ ତାହା ମ୍ଭ ତାହାର ମନେ ରହିଯାଏ । କିନ୍ତୁ ଉଭୟ କ୍ଷେତ୍ରରେ ଯଦି ଜଣେ ଉକ୍ତ ବସ୍ତୁ ସହ ସମ୍ପର୍କ ନରଖେ ତେବେ ସେ ତାହାକୁ ଭୁଲିଯାଇଥାଏ । ସେହିପରି ବେନମାଜି ନମାଜ ପାଠକୁ ଏକ ପ୍ରକାରର କ୍ଷତିପୂରଣ ମନେ କରିଥାଏ। ଯେପରି ଶୀତଳ ସକାଳେ ଅଯଥା ନରମ ସେଜ ଛାଡି ଥଣ୍ଡା ପାଣିରେ ଓଜୁ କରି ନମାଜ ପଢିବାକୁ ପଡିଥାଏ । ଏହି ଅନିଚ୍ଛାକୁ ସେ ବୁଝିପାରୁ ନାହିଁ କାରଣ ନମାଜର ଆତ୍ମ ସନ୍ତୋଷ ଓ ଆତ୍ମ ତୃପ୍ତିରୁ ସେ ଅଜ୍ଞ । ଦେଖ ଯେପରି ଜଣେ ମଦୁଆ ଯେପର୍ଯ୍ୟନ୍ତ ମଦ୍ୟପାନରୁ ଆନନ୍ଦ ଉପଭୋଗ କରିନଥାଏ ସେପର୍ଯ୍ୟନ୍ତ ମଦ୍ୟ ପାନ କରିଥାଏ । ଏପରିକି ନିଷାରେ ମଦହୋଶ ହୋଇଯାଏ । ଏଥିରୁ ଜଣେ ବୁଦ୍ଧିମାନ ଓ ବିଜ୍ଞ ମାନବ ଶିକ୍ଷା ହାସଲ କରିଥାଏ କି ଏହିପରି କ୍ରମାଗତ ନମାଜ ପାଠ କଲେ ହିଁ ଉକ୍ତ ଶାନ୍ତି ଓ ଆନନ୍ଦ ଲାଭ ହେବ । (ନଶାକାରୀଙ୍କ ଉଦାହରଣ ଦେଇ ଯେଉଁ ଉପଦେଶ ଦିଆଯାଇଛି ସେଥିରୁ ମ୍ଭ ଜଣେ ବୁଦ୍ଧିମାନ ବ୍ୟକ୍ତି ଉପକୃତ ହୋଇପାରିବ ଏବଂ ତାହା ଏହି କି ଯେ, ନମାଜ ନିୟମିତ ଭାବରେ ପାଠ କରିବା । ଆନନ୍ଦ ମିଳୁ କି ନମିଳୁ କିନ୍ତୁ ଏହି ଚେଷ୍ଟାରେ ଲାଗି ରହିବା କି ମୋତେ (ନମାଜରୁ ନିଶ୍ଚିତ) ଆନନ୍ଦ ମିଳିବ । ପୁଣି ଏଥିପାଇଁ ଦୁଆ ମଧ୍ୟ କରି ପଢ଼ିଚାଲିବା ଉଚିତ୍ । ଏପରିକି ତାହାକୁ ସେ ସୁଖ ଓ ଆନନ୍ଦ ପ୍ରାପ୍ତ ହୋଇଯିବ ଯେପରିକି ଜଣେ ମଦୁଆ ମଦ ପାନ କରି ଆନନ୍ଦିତ ହୋଇଥାଏ ଏବଂ ଯାହାକି ତାହାର ପାଇବାର ଲକ୍ଷ ଥାଏ । ସେହିପରି ନମାଜର ସମସ୍ତ ଧ୍ୟାନ ଓ ଚେଷ୍ଟା ସେହି ସୁଖ ପ୍ରାପ୍ତ କରିବା ପ୍ରତି ରହିବା ଉଚିତ୍ ଏବଂ ଏଥିପାଇଁ ଏଭଳି ଅଧର୍ଯ୍ୟ ଓ ଅଥୟ ତଥା ବିବ୍ରତ ହୋଇ ଦୁଆ କରିବା କି ତାହା ହାସଲ ହୋଇଯିବ । ହଜୁର କୁହନ୍ତି (ଯେ ମୁଁ ସତ କହୁଅଛି) ଯଦି ନିଜର ଅବସ୍ଥା ଏଭଳି କରିନିଆଯାଏ ତେବେ ତାହା (ଆନନ୍ଦ) ସୁନିଶ୍ଚିତ ମିଳିଯାଇଥାଏ । ପୁଣି ନମାଜ ପାଠ ସମୟରେ ତାହାକୁ ମନେରଖିବା ଓ (ଅଲ୍ଲାହ୍)ଙ୍କ ଦୟା ମନେରଖିବା ଉଚିତ୍ । ଅଲ୍ଲାହ୍‌ତାଲା କୁହନ୍ତି ଅର୍ଥାତ୍ ସତକର୍ମ ଅପକର୍ମକୁ ନଷ୍ଟ କରିଦେଇଥାଏ । ସୁତରାଂ ଏହି ସତ୍‌କର୍ମ ଓ ଆନନ୍ଦକୁ ହୃଦୟରେ ରଖି ଦୁଆ କରିବା ଉଚିତ୍ କି (ହେ ପ୍ରଭୁ!) ଏଭଳି ନମାଜ ପାଠରେ ଶକ୍ତି ପ୍ରଦାନ କର ଯେପରିକି ସତ୍ୟବାଦୀ ଓ ଦୟାଳୁମାନେ ପାଠ କରିଥାନ୍ତି । ଦେଖ ଅଲ୍ଲାହ୍‌ତାଲା ଯାହା କହିଛନ୍ତି କି ଅର୍ଥାତ୍ ସତକର୍ମ କିମ୍ବା ନମାଜ ମନ୍ଦ ପ୍ରବୃତ୍ତିକୁ ଦୂରେଇ ଦେଇଥାଏ । ଅନ୍ୟ ଏକ ସ୍ଥାନରେ କୁହନ୍ତି ନମାଜ ଅଶ୍ଳୀଳ ଓ ଅଶୋଭନୀୟ କାର୍ଯ୍ୟରୁ ନିବୃତ ରଖିଥାଏ । ଆମେ ଦେଖିଥାଉକି-କେତେକ ଲୋକ ନମାଜ ପାଠ କରିବା ସହ ଅପକର୍ମରୁ ନିବୃତ ରହି ନଥାନ୍ତି । ଏହାର ଅର୍ଥ ସେମାନେ ନମାଜ ପାଠ ତ କରିଥାନ୍ତି କିନ୍ତୁ ନା ତାହାର ମର୍ମ ବୁଝିଥାନ୍ତି ନା ସେଥିରେ ତାଙ୍କର ଆଗ୍ରହ ଥାଏ ବରଂ କେବଳ ପରମ୍ପରା ଓ ଅଭ୍ୟାସଗତ ଭାବରେ ମୁଣ୍ଡିଆ ମାରିଥାନ୍ତି । ଅଲ୍ଲାହ୍‌ତାଲା ସେଗୁଡିକର ନାମ ପୂଣ୍ୟ କର୍ମ ରଖି ନାହାନ୍ତି । ଏଠାରେ ଯେଉଁ ପୁଣ୍ୟ ଆସିଛି ତାହା ଅସ୍‌ସଲାତ (ଶବ୍ଦର) ନୁହେଁ ଯଦିଏ ସେହି ଅର୍ଥରେ ଅଟେ, ଏହାର କାରଣ ଏହି କି ଯେ ଏଥିରେ ନମାଜର ସୌନ୍ଦର୍ଯ୍ୟ ଓ ମଧୁରତା ରହିଛି । କିନ୍ତୁ ଯେଉଁ ନମାଜ ଆଗ୍ରହର ସହ ପାଠ କରାଯାଇଥାଏ ତାହା ମଣିଷକୁ ପାପ ମୁକ୍ତ କରିବାସହ ତାହା ଉପରେ ଏକ ପ୍ରକାରର ପ୍ରଭାବ ପକାଇଥାଏ । ନମାଜର ଅର୍ଥ ବସିବା ଓ ବରଖାସ୍ତ କରିବା ନୁହେଁ ବରଂ ଆତ୍ମିୟ ସୁଖ ଓ ଶାନ୍ତି ହାସଲକାରୀ ଦୁଆ ଅଟେ ।

ପୁଣି ନମାଜରେ ଭିନ୍ନ ଭିନ୍ନ ହରକତ ରଖିବାରେ ଉଦ୍ଦେଶ୍ୟ ଏବଂ ତାହା ଆମକୁ କିଭଳି ପ୍ରଭାବିତ କରିବା ଉଚିତ,ଏଥି ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ମନେରଖିବା ଉଚିତ ଯେ, ସଲାତରେ ଅବସ୍ଥା ଓ ସମ୍ବେଦନଶୀଳତା ଉଭୟ ରହିବା ଆବଶ୍ୟକ ଅଟେ (ଅର୍ଥାତ ନମାଜ ପାଠ ସମୟରେ ନିଜର ଏକାଗ୍ରତା ରହିବା ସହିତ ଧ୍ୟାନ ରଖିବା ଉଚିତ କି ମୁଁ ଅଲ୍ଲାହ୍‌ତାଲାଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇ ତାଙ୍କ ସହ ବାର୍ତାଳାପ କରୁଅଛି) ପୁଣି କେତେକ ସମୟରେ ଛବି ଆକାରରେ ଆକଳନ କରିଥାନ୍ତି । ଆପଣ କୁହନ୍ତି (ସେଥିରେ) ଏଭଳି ରୂପ ଦେଖାଯାଇଥାଏ ଯ ଦ୍ୱାରା ଉକ୍ତ ବ୍ୟକ୍ତି ଜାଣିପାରିଥାଏ କି ତାହାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଇଥାଏ ଏବଂ ଏଭଳି ନମାଜରେ ହିଁ ଈଶ୍ୱରପ୍ରାପ୍ତିର ଛବି ସ୍ପଷ୍ଟ ହୋଇଥାଏ (ନମାଜ ଯାହାକି ବିଭିନ୍ନ ଅବସ୍ଥାର ସମାହାର, ଏତତ୍‌ଦ୍ୱାରା ଅଲ୍ଲାହ୍ ନିଜ ଭକ୍ତଠାରୁ କଣ ଚାହିଁଥାନ୍ତି, ଏହିକି ଯେ ତାହାର ଏକ ଛବି ମନରେ ଆଙ୍କି ହୋଇଯାଉ) ଆପଣ କୁହନ୍ତି ନମାଜରେ ଯେପରି ମନରେ କିଛି ପାଠ କରାଯାଇଥାଏ, ସେହିପରି ଅଙ୍ଗପ୍ରତ୍ୟଙ୍ଗର ହରକତ୍ ଦ୍ୱାରା ମ୍ଭ କିଛି ଦର୍ଶାଯାଇଥାଏ । ନମାଜରେ ତଶବିହ ଓ ତମହିଦ ପାଠ କରିବା ଅବସ୍ଥାକୁ କୟାମ କୁହାଯାଏ ଏବଂ ପ୍ରତ୍ୟେକ ବ୍ୟକ୍ତି ଜାଣନ୍ତି ଅଲ୍ଲାହ୍‌ଙ୍କ ପ୍ରଶଂସା କୟାମରେ କରାଯାଏ । ଯେପରି ରାଜା,ମହାରାଜାଙ୍କ ସମ୍ମୁଖରେ କୌଣସି କବିତା ପାଠ କଲାବେଳେ ଛିଡା ହୋଇ କରାଯାଇଥାଏ, ଯାହାକି ସମ୍ମାନ ଦେବାର ଏକ ପ୍ରତୀକ ଅଟେ । କିନ୍ତୁ ନମାଜରେ ଏପରି ଛିଡା ହେବାର ଅର୍ଥ ତାର ଆତ୍ମା ଅଲ୍ଲାହ୍‌ଙ୍କ ସମ୍ମୁଖରେ ଉପସ୍ଥିତ ହୋଇଯାଇଛି । ଗୁଣଗାନ ଗୋଟିଏ କଥାରେ କରାଯାଏ, ଯେ ଏକ ସାକ୍ଷୀ ହୋଇ କାହାର ପ୍ରଶଂସା କରେ । ଏପରି ସେ ନିଜର ମତ ପୋଷଣ କରିଥାଏ । ଜଣେ ସଚୋଟତାର ସହ **ଅଲହମଦୋଲିଲ୍ଲାହ୍** ସେତେବେଳେ କହିଥାଏ ଯେତେବେଳେ ସେ ଅଲ୍ଲାହ୍‌ଙ୍କୁ ସମସ୍ତ ପ୍ରଶଂସାର ଯୋଗ୍ୟ ସ୍ୱୀକାର କରିଥାଏ । ସକଳ ପ୍ରଶଂସା ଅଲ୍ଲାହ୍‌ଙ୍କ ପାଇଁ ଅଟେ । ଯେତେବେଳେ ଏହା ହୃଦୟଙ୍ଗମ ହୋଇଯାଏ, ତାହା ହିଁ ଆଧ୍ୟାତ୍ମିକ କୟାମ ଅଟେ । ଯେତେବେଳେ ହୃଦୟରେ ଅଲ୍ଲାହ୍‌ତାଲା ହିଁ ସକଳ ପ୍ରଶଂସାର ଅଧିକାରୀ ଅଟନ୍ତି, ଉତ୍ପନ୍ନ ହୋଇଯାଏ ତାଙ୍କରି ପାଇଁ ସମସ୍ତ ପ୍ରଶଂସା ଅଟେ । ତାଙ୍କ ବ୍ୟତୀତ ଅନ୍ୟ କେହି ଏହାର ଅଧିକାରୀ ନୁହନ୍ତି ତେବେ ଏହା କେବଳ ହାତ ବାନ୍ଧି ଦଣ୍ଡାୟମାନ ହେବା ନୁହେଁ, ବରଂ ଏକ ଆତ୍ମିକ ରୂପ ପାଳଟିଯାଇଥାଏ । କାରଣ ସେତେବେଳେ ତାର ହୃଦୟ ସୁଦୃଢ଼ ହୋଇଯାଇଥାଏ ଏବଂ ସେ ଅନୁଭବ କରିଥାଏ (କି ହୃଦୟ) ମଧ୍ୟ ଦଣ୍ଡାୟମାନ ଅଟେ । ଯ ଦ୍ୱାରା ଆଧ୍ୟାତ୍ମିକ କୟାମ ହାସଲ ହୋଇଥାଏ (ଏହି ଅବସ୍ଥା କେବଳ ତାହାକୁ ପ୍ରାପ୍ତ ହୋଇଥାଏ ଯେ ନିଜ ହୃଦୟକୁ ଦଣ୍ଡାୟମାନ କରିପାରେ) ପୁଣି ରୁକୁରେ **ସୁବହାନା ରବ୍ବିଲ୍ ଅଜିମ** କୁହାଯାଏ । ସାଧାରଣତଃ ଯେତେବେଳେ କାହାର ଶ୍ରେଷ୍ଠତା ସ୍ୱୀକାର କରାଯାଏ ସେତେବେଳେ ତା ସମ୍ମୁଖରେ ନତ ମସ୍ତକ ହେବା ଆବଶ୍ୟକ ଅର୍ଥାତ ମୁହଁରୁ ତାଙ୍କ ବଡପଣିଆ ବଖାଣିବା ସହ ଶାରୀରିକ ସ୍ୱୀକୃତି ପ୍ରଦର୍ଶନ ନିମନ୍ତେ ନତ ମସ୍ତକ ହେବା ଆବଶ୍ୟକ । ମୁହଁରୁ ଅଲ୍ଲାହ୍‌ତାଲାଙ୍କ ଶ୍ରେଷ୍ଠତା ସ୍ୱୀକାର କରିବା ଏବଂ ତାଙ୍କ ପବିତ୍ରତାର ଗୁଣଗାନ କରିବା ସହିତ ମଣିଷ ରୁକୁ କରିନେଇଥାଏ, ତେବେ ଏହା ସ୍ୱୀକାର କରିବା ସହିତ ଶାରିରୀକ ଇଶାରର ଦୃଷ୍ଟାନ୍ତ । ଅର୍ଥାତ୍ ମୁହଁରୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ

ନତମସ୍ତକ ହେବାର ହରକତ କରିବା ନିଜ କହିବାର ପ୍ରମାଣ ସ୍ୱରୂପ ଅଟେ ।

ତୃତୀୟରେ **ସୁବହାନା ରବ୍‌ବିଲ୍ ଆଲା** ରଖାଯାଇଛି । ଆରବୀ ବ୍ୟାକରଣରେ ଏହା ଇ'ଆଲ ତ'ଜିଲରୁ ଉଦ୍ଧିଷ୍ଟ ଯାହାକି ମୁଣ୍ଡ ଭୂମିଷ୍ଟ କରିବାକୁ ଦର୍ଶାଇଥାଏ । ଯେତେବେଳେ ଅଲ୍ଲାଃତାଲାଙ୍କ ଶ୍ରେଷ୍ଠତାର ଗୁଣଗାନ ଓ ତାଙ୍କ ପବିତ୍ରତା ବର୍ଣ୍ଣନା କରିବାର ଏହା ଉତ୍‌କୃଷ୍ଟ ମାଧ୍ୟମ ଅଟେ, ଅର୍ଥାତ୍ ତାହା ଭୂମିଷ୍ଠ ହେବାର ଆବଶ୍ୟକ ଲୋଡିଥାଏ । ଅଲ୍ଲାଃଙ୍କ ସମ୍ମୁଖରେ ସମ୍ପୁର୍ଣ୍ଣ ଭାବରେ ନିଜର ଶିର ରଖିଦେଇଥାଏ । ଅର୍ଥାତ ଯେତେବେଳେ ମୁହଁରୁ ଅଲ୍ଲାଃଙ୍କ ପବିତ୍ର ଓ ସର୍ବଶ୍ରେଷ୍ଠ ହେବାର ସ୍ୱୀକାର କଲ ସେତେବେଳେ ତାଙ୍କ (ପାଦ) ତଳେ ମୁଣ୍ଡ ରଖିଦେବା ଆବଶ୍ୟକ । ଏହା ତାହା ଅଧିନରେ ରହିଛି, ଏ ଯେଉଁ ଅବସ୍ଥା ଅଟେ ଉକ୍ତ ବକ୍ତବ୍ୟର ପ୍ରକାଶ କରିବା ଅଟେ) ଏହି ସାକ୍ଷୀ ଦେବା ପାଇଁ ତିନୋଟି ଶାରିରୀକ ଦୃଷ୍ଟାନ୍ତ ରହିଛି । ଗୋଟିଏ ଛବି ତାଙ୍କ ସମ୍ମୁଖରେ ରଖାଯାଇଛି, ପୁଣି ସମସ୍ତ ପ୍ରକାରର ଦଣ୍ଡାୟମାନ ରଖାଗଲା । ଜିଭ ଯାହାକି ଶରୀରର ଏକ ଅଂଶ ଅଯେ, ସେ ସାକ୍ଷୀ ଦେଲା ଏବଂ ଶରୀର ହରକତ୍ ମାଧ୍ୟମରେ ତାହାର ପ୍ରମାଣ ଦେଲା । ଯଦି ଏପରି ନକରାଯାଏ ତେବେ ନମାଜ ସମ୍ପୂର୍ଣ୍ଣ ହୋଇନଥାଏ । କାରଣ ଅଲ୍ଲାଃ ଦେଖିଥାନ୍ତି କି ପ୍ରକୃତରେ ସେ(ଶରୀର ସହ ଅନ୍ତରାତ୍ମାରୁ) ତାଙ୍କ ଗୁଣଗାନ କରି ଦଣ୍ଡାୟମାନ ହୋଇଛି ନା ନାହିଁ । ତାଙ୍କ ପ୍ରଶଂସା ଗାନ କରି ଅର୍ଥାତ **ସୁବହାନା ରବ୍‌ବିଲ୍ ଅଜିମ** କହିବା ପରେ ଶରୀର ସହ ଆତ୍ମା ମଧ୍ୟ ଅଲ୍ଲାଃଙ୍କ ସମ୍ମୁଖରେ ନତ ମସ୍ତକ ହୋଇଯାଇଛି । ତୃତୀୟରେ ଅଲ୍ଲାଃଙ୍କ ପାଦ ତଳେ ମୁଣ୍ଡ ରଖି ଏପରି ମନେକରିଥାଏ ଯେମିତି ଅଲ୍ଲାଃଙ୍କ ସିଂହାସନ ତଳେ ଦଣ୍ଡାୟମାନ । ତେବେ ଯେପର୍ଯ୍ୟନ୍ତ ଏହି ଅବସ୍ଥା ଉତ୍ପନ୍ନ ହୋଇନାହିଁ ଆତ୍ମ ସନ୍ତୋଷ ଓ ଆତ୍ମ ତୃପ୍ତି ଲାଭ ହୋଇନଥାଏ । କାରଣ **ୟକିମୁସ୍‌ସଲାତ୍** ର ଅର୍ଥ ଏହା ଅଟେ । ଯଦି ପ୍ରଶ୍ନ ଉଠେ କି ଏହି ଅବସ୍ଥା କିପରି ଉତ୍ପନ୍ନ କରିବା ? ତେବେ ଏହାର ଉତର ଏହିକି ଯେ,ନିରନ୍ତର ଭାବରେ ନମାଜ ପାଠ କରିବା ଏବଂ ଦୁଶ୍ଚିନ୍ତା ଓ ଆଶଙ୍କା ମନରେ ସୃଷ୍ଟି ହେଲେ ବିଚଳିତ ହେବାର ନାହିଁ । ପ୍ରାରମ୍ଭିକ ଅବସ୍ଥାରେ ନିଶ୍ଚିତ ଭାବରେ ଆଶଙ୍କା ଓ ସନ୍ଦେହ ସହ ଲଢେଇ ଚାଲିଥାଏ । କିନ୍ତୁ ଏହାର ଉପଚାର ଏହି କି ଯେ ମଣିଷ ଥକି ନଯାଇ ଧୈର୍ଯ୍ୟର ସହ ଅନବର୍ତ ଦୁଆ ମାଗିଚାଲିବା ଉଚିତ୍ । ଶେଷରେ ସେହି ଅବସ୍ଥା ପ୍ରାପ୍ତ ହୋଇଥାଏ, ଯାହାର ଚର୍ଚ୍ଚା ଉପରେ କରି ଆସିଲି ।

ହଜୁର ଅନଓର ଅ.ବ କହିଲେ ଅନବର୍ତ ପ୍ରଚେଷ୍ଟା କରିବା ସର୍ତ ଅଟେ । ଯଦି ଏହା ଉତ୍ପନ୍ନ ହୋଇଯାଏ ତେବେ ଅଲ୍ଲାଃ ନିଜ ଭକ୍ତ ନିକଟକୁ ଦୌଡି ଆସିଥାନ୍ତି ଏବଂ ଉକ୍ତ ବ୍ୟକ୍ତି ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇଥାଏ । କିନ୍ତୁ ଏହି ରହସ୍ୟ ସମସ୍ତେ ବୁଝିପାରି ନଥାନ୍ତି ଏବଂ (ସ୍ୱଭାବର) ଶିଘ୍ରତା ହେତୁ ଏହାର ଗୁରୁତ୍ୱ ନବୁଝି ଅଲ୍ଲାଃଙ୍କ ଦ୍ୱାର ଛାଡି ସାଂସାରିକ କାମନା ପଛରେ ଦୌଡିଥାନ୍ତି । ହଜରତ ମସିହ ମଉଦ [ଆ.ସ] କୁହନ୍ତି ମନେରଖ ପ୍ରକୃତ ନମାଜ ଦୁଆ କରିବା 'ଲରେ ହାସଲ ହୋଇଥାଏ । ଅଲ୍ଲାଃଙ୍କୁ ଛାଡି ଅନ୍ୟକୁ ମାଗିବା ଏକ ମୋମିନର ଲକ୍ଷଣ ନୁହେଁ । ଦୁଆ କେବଳ ଅଲ୍ଲାଃଙ୍କ ନିକଟରେ କରାଯାଇଥାଏ । ସାଧାରଣତଃ ଅମେ ଛୋଟ ମୋଟ କାର୍ଯ୍ୟ ପାଇଁ ପରସ୍ପର ଉପରେ ନିର୍ଭର କରିଥାଉ । କିନ୍ତୁ ଯେଉଁ ଆବଶ୍ୟକତା କେବଳ ଅଲ୍ଲାଃ ପୂରଣ କରିଥାନ୍ତି,ତାଙ୍କୁ ଛାଡି ଅନ୍ୟ ଉପରେ ଭରଷା କରିବା ସେହି ସର୍ବଶକ୍ତିମାନ ପ୍ରଭୁଙ୍କର ଅବମାନନା କରିବା ଅଟେ । ଯେପର୍ଯ୍ୟନ୍ତ ମଣିଷ ସମ୍ପୂର୍ଣ୍ଣ ଭାବରେ ଅଲ୍ଲାଃଙ୍କର ନହୋଇ ତାଙ୍କୁ ଭିକ୍ଷା କରି ନାହିଁ ସେପର୍ଯ୍ୟନ୍ତ ସେ ଜଣେ ମୁସଲମାନ ଓ ସଚୋଟ ମୋମିନ ହୋଇନଥାଏ । ଇସଲାମର ସତ୍ୟାସତ୍ୟ ଏହିକି ଯେ,ମଣିଷର ସମସ୍ତ ଅଭ୍ୟନ୍ତରୀଣ ଓ ବାହ୍ୟ ଶକ୍ତି ଅଲ୍ଲାଃଙ୍କ ଉପାସନାରେ ବିନିଯୋଗ କରିବା । ଯେପରି ଏକ ବଡ ଅନୁଷ୍ଠାନ ଅନେକ କଳ(କାରଖାନାର ଯନ୍ତ୍ରପାତି) ଚଳାଇଥାଏ, ସେହିପରି ଯେପର୍ଯ୍ୟନ୍ତ ମଣିଷ ନିଜର ପ୍ରତ୍ୟେକ କାମ, ହରକତ୍ ସର୍ବଶକ୍ତିମାନ (ଅଲ୍ଲାଃଙ୍କ) ଆଦେଶ ଅନୁଯାୟୀ ନକରେ କିପରି ଏକଶ୍ୱରବାଦର ପ୍ରତ୍ୟେକ୍ଷ ସାକ୍ଷ ହେବ ଏବଂ କିଭଳି ଇନ୍ନି ଓଜ୍‌ହେତୁ....କହିବା କ୍ଷଣି ନିଜକୁ ଏକଶ୍ୱରବାଦ କହିବ ? ତେଣୁ ସାକ୍ଷ ଦେବା ସହିତ ତାହାର ହରକତ୍ ଦର୍ଶାଇଥାଏ କି ନିଃସନ୍ଦେହ ସେ ମୁସଲମାନ, ମୋମିନ ତଥା ଏକଶ୍ୱବାଦୀ ଅଟେ । ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଛାଡି ଅନ୍ୟ କାହରିକୁ ମାଗିଥାଏ ସେ ମନେରଖିବା ଉଚିତ୍ ଯେ ସେ ଏକ ଅଭାଗା ମଣିଷ ତେବେ ସେ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇଥାଏ କି ସେ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେବାର ସୌଭାଗ୍ୟ ମଧ୍ୟ ପାଇନଥାଏ । ଆପଣ କୁହନ୍ତି ନମାଜ ଛାଡିବା ଅଭ୍ୟାସ ଓ ଅଳସୁଆମିର ଏହା ଏକ କାରଣ ଅଟେ । କାରଣ ଯେତେବେଳେ ମଣିଷ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାର ପୂଜାର୍ଚ୍ଚନା କରିଥାଏ ସେତେବେଳେ ତାହାର ହୃଦୟର ଶକ୍ତି ସେହି ବୃକ୍ଷ ପରି ହୋଇଥାଏ, ଯାହାର ଶାଖା ପ୍ରଶାଖା ପ୍ରାରମ୍ଭକୁ ଯେଉଁ ଦିଗକୁ ନଇଁପଡ଼େ । ସେଗୁଡିକ ସଦାସର୍ବଦା ସେହିପରି ରହିଥାଏ । ଅତଏବ ତା ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରତି ଏକ ପଥର ପରି କଠିନ୍ ଓ ଜଡତା ଆସିଯାଇଥାଏ । (ଯଦି ବୃକ୍ଷର ଶାଖାଗୁଡିକ ବାନ୍ଧି ଅନ୍ୟ ଦିଗକୁ କରିଦିଆଯାଏ ତେବେ ସେଗୁଡ଼ିକ ସେହି ଦିଗକୁ ଚ୍ଛଳି ଆସନ୍ତି) ସେହିପରି ଯଦି ମଣିଷ ଲୋକମାନଙ୍କ ଆଡକୁ ଆକର୍ଷିତ ହୁଏ ତେବେ ଅଲ୍ଲାଃଙ୍କ ପ୍ରତି ତାହାର ହୃଦୟ କଠୋର ହୋଇଯାଇଥାଏ) ଆପଣ କୁହନ୍ତି ଯେଉଁ ଶାଖା ଗୋଟିଏ ଦିଗକୁ ନଇଯାଏ ତାହା ଅନ୍ୟ ଦିଗକୁ ବୁଲିପାରିନଥାଏ । ସେହିପରି ହୃଦୟ ଓ ଆତ୍ମା ଦିନକୁ ଦିନ ଅଲ୍ଲାଃତାଲାଙ୍କଠାରୁ ଦୂରେଇ ଦୂରେଇ ଚ୍ଛଳିଯାଏ । ସୁତରାଂ ଅଲ୍ଲାଃଙ୍କୁ ଛାଡି ଅନ୍ୟ ନିକଟରେ ହାତପତାଇବା ଏକ ଭୟଙ୍କର ଏବଂ ହୃଦୟ ବିଦାରକ କାର୍ଯ୍ୟ ଅଟେ । ତେଣୁ ନମାଜ ପାଠର ବ୍ୟବସ୍ଥା କରିବା ଆବଶ୍ୟକ କାରଣ ତାହା ଅଭ୍ୟାସର ପ୍ରାରମ୍ଭିକ ସୋପାନ ଅଟେ । ଯଦ୍ୱାରା ଅଲ୍ଲାଃଙ୍କ ଧ୍ୟାନ କରିବା ପୁଣି ଧିରେ ଧିରେ ସେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଅବସ୍ଥା ପ୍ରାପ୍ତ କରି ସେହି (ଦିବ୍ୟ)ଆଲୋକ ଓ ଶାନ୍ତିର ଉତରାଧିକାରୀ ହୋଇଥାଏ,ଯାହାକି ତାହାର ଲକ୍ଷ ଅଟେ । ପ୍ରଥମେ ନମାଜ ପାଠ ପାଇଁ ଚେଷ୍ଟା କରିବାକୁ ପଡ଼ିଥାଏ । ଧିରେଧିରେ ଯେତେବେଳେ ଅଭ୍ୟାସରେ ପଡିଯାଏ ସେତେବେଳେ ସେ ନିଷ୍ଠାପର ସହ ଅଲ୍ଲାଃଙ୍କ ନିକଟରେ ପଡି ରହିଥାଏ ଏବଂ ସେତେବେଳେ ସେ ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇଥାଏ । ମୁଁ ପୁନଃ ଚେତାବନୀ ଦେଇ କହୁଛି,ଦୁଖଃଦ ଯେ ମୋତେ ସେ ଶବ୍ଦ ହିଁ ମିଳୁ ନାହିଁ ଯାହାକି ସେହି ବ୍ୟକ୍ତି ପାଇଁ ବ୍ୟବହାର କରାଯାଏ ଯେ ଅଲ୍ଲାଃଙ୍କୁ ଛାଡି ଅନ୍ୟର ଦ୍ୱାରସ୍ଥ ହୋଇଥାଏ । ଏହା ଅଲ୍ଲାଃଙ୍କୁ ଅପମାନିତ କରିବା କଥା । ଯଦିଓ (ସମସ୍ତେ) ଏଭଳି ନୁହନ୍ତି କିନ୍ତୁ ଯେମିତି ଜଣେ ସ୍ୱାଭିମାନୀ ବ୍ୟକ୍ତି ଏହା ପସନ୍ଦ କରିନଥାଏ କି ତାହାର ପତ୍ନୀ ଅନ୍ୟ ପୁରୁଷ ସହ ସମ୍ପର୍କ ରଖୁ ଏବଂ ଏପରି ପରିସ୍ଥିତିରେ ସେ ତା ପତ୍ନୀକୁ ମୃତ୍ୟୁ ଦଣ୍ଡର ଉପଯୋଗୀ ମନେକରିଥାଏ । ସେହିପରି ଉପାସନା ଏବଂ ଦୁଆ କେବଳ ଅଲ୍ଲାଃଙ୍କ ପାଇଁ ଉଦ୍ଧିଷ୍ଟ । ସେ ପସନ୍ଦ କରନ୍ତି ନାହିଁ ଯେ ତାଙ୍କ ବ୍ୟତୀତ ଅନ୍ୟ କାହାରିକୁ ଉପାସ୍ୟ ମନେ କରାଯାଉ କିମ୍ବା ପ୍ରାର୍ଥନା କରାଯାଉ । ସୁତରାଂ ଭଲ ଭାବରେ ମନେରଖ ଯେ,ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହା ଆଗରେ ନଇଁବା ଅଲ୍ଲାଃଙ୍କ ଠାରୁ ନିଜ ସମ୍ପର୍କ ତୁଟାଇବା ଅଟେ । ନମାଜ ଓ ଏକଶ୍ୱରବାଦ ଉଭୟ ଏକଶ୍ୱରବାଦର ହିଁ ପ୍ରତ୍ୟକ୍ଷ ପ୍ରମାଣ ଅଥବା ସ୍ୱୀକାର କରିବା ଅଟେ । କିନ୍ତୁ ଏସବୁ (ନମାଜ) ନିରର୍ଥକ ହୋଇଥାଏ ଯେତେବେଳେ ହୃଦୟରେ ନିଷ୍ଠା, ଏକଶ୍ୱରବାଦର ଭାବନା ନ ଥାଏ । ନା (ଅଲ୍ଲାଃଙ୍କ) ସହ ଲୀନ ହେବାର ଭାବନା ଥାଏ ।

କେତେକ ଲୋକ ମନେକରିଥାନ୍ତି କି ଅଲ୍ଲାଃଙ୍କ ନିକଟରେ ଅଶ୍ରୁ ଗଡାଇ କିଛି ଲାଭ ହୋଇନଥାଏ। ଏହା ସମ୍ପୂର୍ଣ୍ଣ ଭ୍ରମ ଧାରଣା ଅଟେ । ଏପରି ବ୍ୟକ୍ତି ଅଲ୍ଲାଃଙ୍କ ଅସ୍ତିତ୍ୱ,ଗୁଣ,ଶକ୍ତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ଓ ଅବିଶ୍ୱାସୀ ଅଟେ । ଯଦି ସେ ଈଶ୍ୱର ବିଶ୍ୱାସୀ ହୋଇଥାନ୍ତା ତେବେ କଦାପି ଏପରି କହିବାର ସାହସ କରିନଥାନ୍ତା । ଯେତେବେଳେ କେହି ଅଲ୍ଲାଃଙ୍କ ସାନ୍ନି ଭିକ୍ଷା କରି ପ୍ରକୃତ କ୍ଷମା ପ୍ରାର୍ଥନା କରେ,ଅଲ୍ଲାଃ ତାହାକୁ ନିଶ୍ଚିତ ରୂପେ ନିଜର କୃପା ପ୍ରଦାନ କରିଥାନ୍ତି । କେହିଜଣେ ବେଶ୍ ସୁନ୍ଦର କଥା କହିଛନ୍ତି କି – ସେ ପ୍ରେମିକ ହିଁ କିଏ ଯାହାକୁ କି ପ୍ରେମିକା ନିଜ ନିଜର ହିଁ ପକାଏ ନାହିଁ । ହେ ଭଦ୍ରବ୍ୟକ୍ତି ! ପିଡ଼ା ହିଁ ନାହିଁ ନଚେତ୍ ଡାକ୍ତର ତ ଉପସ୍ଥିତ ଅଛନ୍ତି । (ତୁମର ଏହା କହିବା କି ମୋତେ କଷ୍ଟ ହେଉଛି, ମିଥ୍ୟା ଅଟେ) ଅଲ୍ଲାଃ ସର୍ବଦା ଏହା ହିଁ କାମନା କରିଥାନ୍ତି କି ତୁମେ ସ୍ୱଚ୍ଛ ହୃଦୟର ସହ ତାଙ୍କ ନିକଟକୁ ଆସ । ମାତ୍ର ସର୍ତ ଏହିକି ଯେ,ତାଙ୍କ ଅଦେଶ ମୁତାବକ ଅମଳ କର ଏହା ହିଁ ପର୍ଯ୍ୟାପ୍ତ । ମୁଁ ତୁମକୁ ସତ କହୁଅଛି ଅଲ୍ଲାଃ ଅଜବ ନିଦର୍ଶନର ଗନ୍ତାଘର ତଥା ଅସୀମ କୃପା ଓ ବିଭୂତି ପ୍ରଦାନକାରୀ କିନ୍ତୁ ସେଗୁଡିକୁ ଦେଖିବା ନିମନ୍ତେ ପ୍ରେମ ରୂପକ ଚକ୍ଷୁ ଅବଶ୍ୟକ । ଯଦି ନିଷ୍ଠାପର ପ୍ରେମ ଥାଏ ତେବେ ଅଲ୍ଲାଃ ସମସ୍ତ ଦୁଆ ସ୍ୱୀକାର କରିବା ସହ ସାହାର୍ଯ୍ୟର ହାତ ବଢାଇଥାନ୍ତି । ସୁତରାଂ ଆମ୍ଭକୁ ମାତ୍ର ନିଜ ଅବସ୍ଥାରେ ପରିବର୍ତନ କରିବାର ଆବଶ୍ୟକତା ରହିଛି । ଯେପରି ଅଲ୍ଲାଃ ଆମ ପ୍ରାର୍ଥନା ଶୁଣିବେ । ଯେଉଁମାନେ ଅଲ୍ଲାଃତାଲା ଦୁଆ ସ୍ୱୀକାର କରୁନଥିବାର ଆପତି କରିଥାନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ପାଥବେଳା ନମାଜ ହିଁ ସଠିକ ଭାବରେ ପାଠ କରିନଥାନ୍ତି । କେବଳ ସେତେବେଳେ ନମାଜ ପଢିବାର ସେମାନଙ୍କୁ ମନେପଡିଥାଏ ଯେତେବେଳେ କୌଣସି ସାଂସାରିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଅଲ୍ଲାଃ ତ କହଛନ୍ତି କି ମୁଁ ତୁମର ନିଶ୍ଚିତ ଶୁଣିବି କିନ୍ତୁ ତୁମେ ମୋ ଆଦେଶ ପାଳନ ତ କର । ତେଣୁ ପ୍ରତ୍ୟେକ ନିଜ ନିଜର ନିରିକ୍ଷଣ କରିବା ଉଚିତ୍ କି କଣ ସେ ଅଲ୍ଲାଃଙ୍କ ଅଦେଶ ସଠିକ୍ ଭାବରେ ପାଳନ କରୁଅଛି । ଯଦି ଅଲ୍ଲାଃଙ୍କ ଉପରେ କିଛି ଅଭିଯୋଗ ଅଛି ତେବେ ପ୍ରଥମେ ଏହାର ଉତର ଦିଅ କି କେତେଜଣ ପବିତ୍ର କୋରାନରେ ଥିବା ୭୦୦ଆଦେଶାବଳିର ପାଳନ କରୁଅଛନ୍ତି । ଏହା ଅଲ୍ଲାଃଙ୍କ ଅଶେଷ କୃପା ଯେ, ତାଙ୍କ ଆଦେଶ ପାଳନ ନକରିବା ସତ୍ୱେ ସେ ସେଗୁଡିକୁ ଅଣଦେଖା କରି ଦୟା ଆଚରଣ କରିଥାନ୍ତି । ଅନେକ ଲୋକ ଏପରି ଅଟନ୍ତି ଯେ ସଠିକ୍ ଭାବରେ ପାଥବେଳା ନମାଜ ପାଠ କରିନଥାନ୍ତି । ତଥାପି ଅଲ୍ଲାଃ ସେମାନଙ୍କ ପ୍ରାର୍ଥନା ସ୍ୱୀକାର କରିଥାନ୍ତି । ତେବେ ଏହା ଅଲ୍ଲାଃଙ୍କର ସେମାନଙ୍କ ଉପରେ ଦୟା ପୂର୍ବକ ଅଟେ । ପୁଣି ଏହା ବ୍ୟତୀତ ମ୍ଭ ଅଲ୍ଲାଃ ନିଜର ବିଶେଷ ଗୁଣାବଳୀ ଯୋଗୁଁ ସେମାନଙ୍କ ଆବଶ୍ୟକତା ପୂରଣ କରିଥାନ୍ତି । ତେଣୁ ଅଭିଯୋଗ କରିବାର ତ କୌଣସି ସ୍ଥାନ ନାହିଁ । ସୁତରାଂ ଅମକୁ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା ସହ ନିଜ ଉପାସନା,ନମାଜ ଓ ଅନ୍ୟାନ୍ୟ କର୍ତବ୍ୟ ସମ୍ପାଦନ ପ୍ରତି ଯତ୍ନବାନ ହେବା ଉଚିତ୍ । ହଜୁର ଆସ କୁହନ୍ତି ନମାଜର ସୁଖ ଓ ଆନନ୍ଦ ତାହାକୁ ପ୍ରାପ୍ତ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ କି ମନ୍ଦଚିନ୍ତା, ଅପବିତ୍ର ଯୋଜନା କରିବା ତ୍ୟାଗ ନ କରାଯାଏ ଏବଂ ଗର୍ବ, ଅହଂକାରରୁ ଦୂରେଇ ନମ୍ର, ଓ (ଈଶ୍ୱରଙ୍କ ସହ) ନିନ ହେବାର ଚନ୍ତାଧାରା ସୃଷ୍ଟି ନ କରାଯାଏ ସେ ପର୍ଯ୍ୟନ୍ତ ଅଲ୍ଲାଃଙ୍କ ସଚ୍ଚୋଟ ଭକ୍ତର ଆକ୍ଷା ପ୍ରାପ୍ତ କରିପାରିବ ନାହିଁ, ଭକ୍ତ ହେବାର ସର୍ବଚ୍ଚ ଦୃଷ୍ଟାନ୍ତ ନମାଜ ଅଟେ । ଯଦି ସଠିକ୍ ଓ ପୂର୍ଣ୍ଣ ଭକ୍ତ ହେବାର ମର୍ଯ୍ୟାଦାପ୍ରାପ୍ତ କରିବାର ଅଛି

*ଅବଶିଷ୍ଟାଂଶ ପୃଷ୍ଠା ନଂ-୨ ରେ ଦେଖନ୍ତୁ........*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

Title Code: PUNODI00001
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Vol.1. Thursday 12-19 May 2016 Issue No.10-11

MANAGER
NAWAB AHMAD
Mobile. : (+91) 94170-20616
Tel : (+91)-1872-224757
e-mail :managerbadrqnd@gmail.com
ANNUAL SUBSCRIPTION:Rs.300/-

ଆମ ବିରୋଧୀ ମୌଲବିମାନେ ଅହମଦିୟତର ମୂଳୋତ୍ପାଟନ କରିବା ନିମନ୍ତେ ସର୍ବଦା ଚେଷ୍ଟାରତ ଏବଂ ଆଗକୁ ମଧ୍ୟ ଏହିପରି ଚେଷ୍ଟା କରିଚାଲିଥିବେ ତଥାପି, ଆମ ଜମାଅତ ପ୍ରସାର ଲାଭ କରିଚାଲିଛି ଏବଂ କରିଚାଲିଥିବ । କାରଣ ଏହା ଅଲ୍ଲାଃ ଧାର୍ଯ୍ୟ କରି ସାରିଛନ୍ତି କି ହଜରତ ମହମ୍ମଦ ସ.ଆ ଙ୍କର ସଚ୍ଚୋଟ ଦାସଙ୍କ ଜମାଅତ ହିଁ ପ୍ରସାର ଲାଭ କରିବ (ଇନଶା ଅଲ୍ଲାଃ)

# ୨୨ ଅପ୍ରେଲ ୨୦୧୬ ଖୁତ୍‌ବା ଜୁମାର ସାରାଂଶ, ସ୍ଥାନ : ମସଜିଦ ବୈତୁଲ୍ ଫୋତୁହ ଲଣ୍ଡନ

ତଶହୁଦ୍, ତଫଉଜ ଏବଂ ସୁରେଫତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ -ହଜରତ ମୁସଲେହ ମଉଦ ର .ଆ କହିଛନ୍ତି ମଣିଷ ସର୍ବଦା ଦୁଇଟି ସ୍ତରରେ ସ୍ୱଚ୍ଛତା ରଖିବାକୁ ଚେଷ୍ଟା କରିବା ଉଚିତ୍ । ଗୋଟିଏ ତାହାର ଚିନ୍ତାଧାରା ଓ ଅନ୍ୟଟି ସମ୍ବେଦନା ଅର୍ଥାତ ପବିତ୍ର ଭାବନା । ଦେଖ ଦୀର୍ଘ ସମୟ ପୂଣ୍ୟ ଓ ପବିତ୍ର ଭାବନା ସେତେବେଳେ ରହିଥାଏ ଯେତେବେଳେ କି ହୃଦୟ ସମ୍ପୂର୍ଣ ଭାବରେ ସ୍ୱଚ୍ଛ ହୋଇଥାଏ ଏବଂ ଚିନ୍ତା, ଚେତନାର ସ୍ୱଚ୍ଛତା ଯାହାକୁ ଆରବୀରେ ତନଓୀର କୁହାଯାଏ,ମସ୍ତିସ୍କର ସ୍ୱଚ୍ଛତାରୁ ଲାଭ ହୋଇଥାଏ । ଯେଉଁ ମନୁଷ୍ୟର ଅଭ୍ୟନ୍ତରରେ ଏପରି ପ୍ରକାଶ ଉତ୍ପନ୍ନ ହୋଇଯାଏ ଯଦ୍ୱାରା ତାହାର ଚିନ୍ତାଧାରା ସର୍ବଦା ସଠିକ୍ ହୋଇଥାଏ, ତାହାକୁ ତନଓୀର କୁହାଯାଏ । ତନଓୀର ଚେଷ୍ଟା କରି ପବିତ୍ର ଚିନ୍ତାଧାରା ଉତ୍ପନ୍ନ କରାଯାଇ ନଥାଏ ବରଂ ଏପରି ଶକ୍ତିର ଅଧିକାରୀ ହେବା ଯଦ୍ୱାରା ତାହାର ଚିନ୍ତାଧାରା ସର୍ବଦା ପବିତ୍ର ଓ ସଠିକ୍ ଉତ୍ପନ୍ନ ହେବ ଏବଂ କଦାପି ମନ୍ଦ ଭାବନା ହିଁ ଉଙ୍କି ମାରିନଥାଏ । ଏହା କ୍ରମାଗତ ପ୍ରଚେଷ୍ଟା ଓ ଅଲ୍ଲାଃଙ୍କ କୃପା ଫଳରେ ହାସଲ ହୋଇଥାଏ । ହଜରତ ମୁସଲେହ ମଉଦ ର.ଆ କୁହନ୍ତି ମୁଁ ହଜରତ ମସିହ ମଉଦ ଆ.ସଙ୍କ ଠାରୁ ଶୁଣିଛି । କେତେକ ସମୟରେ ଆପଣଙ୍କୁ କେହି ଇସଲାମୀୟ ନୀୟମ (ଫିକା) ସମ୍ବନ୍ଧରେ ପ୍ରଶ୍ନ କଲେ ଆପଣ ହଜରତ ମୌଲାନା ନୁରୁଦ୍ଦିନ  ସାହେବ ଅଥବା ମୌଲାନା ଅବଦୁଲ କରିମ ସାହେବ,ମୌଲାନା ଅହସନ ସାହେବ କିମ୍ବା ଅନ୍ୟ କୌଣସି ମୌଲବି ଙ୍କ ନିକଟକୁ ପଠାଇଦିଅନ୍ତି କାରଣ ସେମାନେ ଏହାର ଗଭୀର ଅନୁଧ୍ୟାନ କରିଥିଲେ । କିନ୍ତୁ ଯଦି ଆପଣ ଦେଖନ୍ତି କି ଏପରି କୌଣସି ସମସ୍ୟା ଅଛି ଯାହାର ସୁଧାର କେବଳ ଆପଣ ହିଁ କରିପାରିବେ, ସେତେବେଳେ ଆପଣ ତାହାର ସମାଧାନ କିମ୍ବା ମାର୍ଗ ଦର୍ଶନ କରିଥାନ୍ତି । ଯଦି କୌଣସି ସାଧାରଣ ସମସ୍ୟା ଦେଖନ୍ତି ଏବଂ ଉକ୍ତ ମୌଲବି ମାନଙ୍କ ମଧ୍ୟରୁ କାହାରିକୁ ସେହି ସମ୍ମିଳନୀରେ ଉପସ୍ଥିତ ପାନ୍ତି । ତାଙ୍କ ନାମ ନେଇ କୁହନ୍ତି କି ମୌଲବି ସାହେବ ଏହି ସମସ୍ୟାର ସମାଧାନ କରନ୍ତୁ । ପୁଣି କେତେକ ସମୟରେ ଉକ୍ତ ପ୍ରଶ୍ନକାରୀଙ୍କୁ ମୌଲବି ସାହେବଙ୍କ ନିକଟକୁ ପଠାଇବା ସହ କୁହନ୍ତି କି ଆମେ ଭାବୁଛୁ ଏହା ଏପରି ହେବା ଉଚିତ୍ । ପୁଣି କୁହନ୍ତି ମୁଁ ନିଜ ଅଭିଜ୍ଞତାରୁ କହୁଛି କି କେତେକ ସମସ୍ୟାର ସମାଧାନ ମୋତେ ଜଣାନଥାଏ କିନ୍ତୁ ଅନ୍ତରରୁ ଯେଉଁ (ସମାଧାନର) ସ୍ୱର ଉଙ୍କି ମାରିଥାଏ,ତାହା ହିଁ ପରବର୍ତୀ ସମୟରେ ହଦିସ ଓ ସୁନ୍ନତରୁ ମଧ୍ୟ ପ୍ରମାଣିତ ହୋଇଥାଏ ।

ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଏହି ସଠିକ୍ ଚିନ୍ତାଧାରା ଯାହାକି ମଣିଷ ମସ୍ତିସ୍କରେ ଉତ୍ପନ୍ନ ହୋଇଥାଏ, ତନଓୀର ଅଟେ । ଦେଖ ସୁସ୍ଥତା ଦୁଇ ପ୍ରକାରର, ଜଣେ କହିଥାଏ କି ମୁଁ ବର୍ତମାନ ସୁସ୍ଥ ଅଛି କିନ୍ତୁ ଆଉ ଜଣେ କହେ କି ମୋ ସୁସ୍ଥତା ଭବିଷ୍ୟତରେ ମଧ୍ୟ ଅଭିନ୍ନ ରହିବ । ସେହିପରି ତନଓୀର ଚିନ୍ତାଧାରା ଭବିଷ୍ୟତରେ ମଧ୍ୟ ଅଭିନ୍ନ ରହିଥାଏ । ଆପଣ କୁହନ୍ତି ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଏହା ଆବଶ୍ୟକ ଏବଂ ଏଥି ନିମନ୍ତେ ଅଲ୍ଲାଃଙ୍କ ଭୟ ଓ ପବିତ୍ରତା ଆବଶ୍ୟକ ଅଟେ । ଯେପରି ତନଓୀରର ଅର୍ଥ ମସ୍ତିସ୍କ ସହ ଜଡିତ ସେହିପରି ଅଲ୍ଲାଃଙ୍କ ଭୟ ହୃଦୟ ସହ । ସାଧାରଣତଃ ଲୋକମାନେ ପୂଣ୍ୟ ଓ ଅଲ୍ଲାଃଙ୍କ ଭୟକୁ ଏକ ମଣିଥାନ୍ତି । ଯେତେବେଳେ କି ଆମ ଉତମ କର୍ମର ‘ଫଳ କିମ୍ବା ଏପରି କାର୍ଯ୍ୟର ମନସ୍ଥ କରିବାକୁ ପୂଣ୍ୟ କୁହାଯାଏ ଏବଂ ଅଲ୍ଲାଃଙ୍କ ଭୟ ‘ଫଳରେ ଯେଉଁ ପବିତ୍ର ଭାବନା ଉତ୍ପନ୍ନ ହୋଇଥାଏ । ଯେପରିକି ପୂର୍ବରୁ ଚର୍ଚ୍ଚା କରି ଆସିଲି କି ଅନ୍ମାନ,ଗଭୀର ଚିନ୍ତା କରିବା ମସ୍ତିସ୍କ ସହ ଜଡିତ ଏବଂ ପବିତ୍ର ଭାବନା ହୃଦୟ ସହ ଯାହାକୁ ସର୍ବଦା ହୃଦୟରେ ସ୍ଥାନ ଦେବା ଅଲ୍ଲାଃଙ୍କ ଭୟ ଅଟେ । ଯେତେବେଳେ ଏହି ଉଭୟ ଶକ୍ତି କୌଣସି ବ୍ୟକ୍ତିକୁ ହାସଲ ହୋଇଯାଏ, ସେ ପାପ ମୁକ୍ତ ହେବା ସହ ଅଲ୍ଲାଃଙ୍କ କୃପା ପ୍ରାପ୍ତି କରିନେଇଥାଏ । ଯେପରି ହଜରତ ମୁସଲେହ ମଉଦ ର.ଆ କୁହନ୍ତି କି ହଜରତ ମସିହ ମଉଦ ଆ.ସ କେତେକ ପ୍ରଶ୍ନର ଉତର ନିମନ୍ତେ ମୌଲବି ସାହେବଙ୍କ ନିକଟକୁ ପଠାଇ ଦେଇଥାନ୍ତି ତ କେତେକ ପ୍ରଶ୍ନଉତରରେ ମୌଲବି ସାହେବଙ୍କ (ଭୂଲ) ସଂଶୋଧନ ମଧ୍ୟ କରିଥାନ୍ତି । ଏଥି ସମ୍ବନ୍ଧରେ କାଜି ଅମିର ହୁସେନ ସାହେବ ବର୍ଣ୍ଣନା କରନ୍ତି କି ପ୍ରଥମେ ମୋର ଧାରଣା ଥିଲା କି ସାଧାରଣ ଯାତ୍ରାରେ ନମାଜ କସର କରିବା ଉଚିତ୍ ନୁହେଁ । କେବଳ ଯୁଦ୍ଧ କିମ୍ବା ଦଙ୍ଗା ହେବାର ଭୟ ଥିଲେ ନମାଜ କସର ପାଠ କରିବା ଉଚିତ୍ ଏବଂ ଏହି ବିଷୟରେ ପ୍ରଥମ ଖଲିଫାଙ୍କ ସହ ମୋର ବହୁ ଯୁକ୍ତିତର୍କ ହୁଏ । ଆପଣ କୁହନ୍ତି ଯେତେବେଳେ ହଜରତ ମସିହ ମଉଦ ଆ.ସ ଙ୍କର ଗୁରଦାସପୁରରେ ମୁକଦ୍ଦମା ଚାଲିଥିଲା । ସେହି ସମୟରେ ମୁଁ ମଧ୍ୟ ସେଠାକୁ ଗଲି । ହଜୁରଙ୍କ ସାଥିରେ ପ୍ରଥମ ଖଲିଫା, ମୌ.ଅବଦୁଲ କରିମ ସାହେବ ମଧ୍ୟ ଉପସ୍ଥିତ ଥିଲେ ।

ସେତିକିବେଳେ ନମାଜ ଜୋହର ସମୟ ହେଲା ହଜୁର ଆ.ସ ମୋତେ ନମାଜ ପଢାଇବାକୁ କହିଲେ । ସେତେବେଳେ ମୁଁ ଦୃଢ ମନସ୍ଥ କରିନେଲି କି ଆଜି ମୋତେ ସୁଯୋଗ ମିଳିଛି ତେଣୁ ଆଜି ନମାଜ କସର ନ କରି ଏହି ସମସ୍ୟାର ସମାଧାନ କରିଦେବି । ସେ କୁହନ୍ତି ଏହା ଚିନ୍ତା କରି ମୁଁ ନମାଜ ପାଠ ନିମନ୍ତେ ଅଲ୍ଲାଃ ହୁଆକ୍‌ବାର କହି ହାତ ଉଠାଇବାକୁ ଯାଉଥିଲି କି ହଜରତ ମସିହ ମଉଦ ଆ.ସ ଆସି ମୋ କାନରେ କହିଲେ କାଜି ସାହେବ ! ଦୁଇ ରେକାତ ନମାଜ ପଢିବା ନା । ଏଥିରେ ମୁଁ କହିଲି ଜି ହଜୁର, ଦୁଇ ରେକାତ ହିଁ ପଢିବା । କାଜି ସାହେବ କୁହନ୍ତି ଏହି ଘଟଣା ପରେ, ଏହି ସମସ୍ୟାର ସମାଧାନ ହୋଇଗଲା ଏବଂ ମୁଁ  ନମାଜ କସର କରିବାର ଧାରଣା ହିଁ ବଦଳାଇ ଦେଲି । ହଜୁର ଅନଓର ଅ.ବ କହିଲେ ହଜରତ ମସିହ ମଉଦ ଆ.ସ ବିଭିନ୍ନ ସମୟରେଏପରି ଅନେକ ଇସଲାମୀୟ ନୀୟମ (ଫିକା) ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିଛନ୍ତି । ଏପରି ନୁହେଁ କି ଆପଣ ପ୍ରତ୍ୟେକ ସମସ୍ୟାର ସମାଧାନ ନିମନ୍ତେ ମୌଲବିମାନଙ୍କ ନିକଟକୁ ପଠାଇ ଦିଅନ୍ତି । ସେ ସମସ୍ତ ସମସ୍ୟା ଯାହାର ହଜରତ ମସିହ ମଉଦ ଅଧ୍ୟୟନ କରିବା ଉଚିତ୍ । ସେ ଯାହା ହେଉ ପରବର୍ତୀ ସମୟରେ ମୋତେ ସୁଯୋଗ ମିଳିଲେ ମୁଁ (ଖୁତବାରେ) ଉକ୍ତ ସମାଧାନଗୁଡିକର ଚର୍ଚ୍ଚା କରିବି ।  ଜୁମା ନମାଜ ସହ ଯଦି ଅସର ନମାଜ ଜମା କରାଯାଏ ତେବେ ଜୁମା ନମାଜ ପୂର୍ବରୁ ସୁନ୍ନତ ନମାଜ ପାଠ କରିବା ଉଚିତ୍ ।

ଏଥି ସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଆ କୁହନ୍ତି ଜଣେ ବନ୍ଧୁ ଏକଦା ଯାତ୍ରାରେ ମୋ ସାଙ୍ଗରେ ଥିଲେ । ସୌଭାଗ୍ୟ ବଶତଃ ସେତେବେଳେ ଜୁମା ସହ ଅସର ଜମା କରାଗଲା ଏବଂ ଜୁମା ପୂର୍ବର ସୁନ୍ନତ ମଧ୍ୟ ପାଠ କରାଗଲା । କିନ୍ତୁ ଦୁଇଟି ନମାଜ ଜମା କରିବା ଅବସ୍ଥାରେ ସୁନ୍ନତ କ୍ଷମା ହୋଇଯାଇଥାଏ । ତେବେ ଉଭୟ ପ୍ରଣାଳୀ (ସୁନ୍ନତ ପଢିବା ଏବଂ ନପଢିବା) ଠିକ୍ ଅଟେ । ହଜରତ ମହମ୍ମଦ ସ.ଆ ଜୁମା ନମାଜ ପୂର୍ବରୁ ସୁନ୍ନତ ପାଠ କରୁଥିଲେ । ମୁଁ ମଧ୍ୟ ଯାତ୍ରାରେ ଏହି (ନମାଜ) ପାଠ କରିଥାଏ,ଏଥିପାଇଁ ଯେ ଜୁମା ପୂର୍ବରୁ ଯେଉଁ ନଓ୍ୱାଫିଲ ପାଠ କରାଯାଇଥାଏ,ତାହା ଜୋହର ସୁନ୍ନତ ନମାଜ ଠାରୁ ଭିନ୍ନ ଅଟେ । ଜୁମାର ଗୁରୁତ୍ୱ ଦର୍ଶାଇ ହଜୁର ସ.ଆ ଏହି ନମାଜକୁ ସୁନ୍ନତରେ ଅନ୍ତର୍ଭୁକ୍ତ କରିଛନ୍ତି ।

ହଜରତ ମୁସଲେହ ମଉଦ ର.ଆ କୁହନ୍ତି ମୁଁ ହଜରତ ମସିହ ମଉଦ ଆ.ସଙ୍କୁ ଯାତ୍ରା କରିବା ଅବସ୍ଥାରେ ଜୁମା ନମାଜ ପଢିବାର ଏବଂ ଛାଡିବାର ଅର୍ଥାତ ଜୋହର ନମାଜ ପଢିବାର ଦେଖିଛି । ଯାତ୍ରାରେ ମୁଁ ଜୁମା ପଢିବା ପୂର୍ବରୁ ସୁନ୍ନତ ପାଠ କରିଥାଏ ଏବଂ ମୋ ମତରେ ଏହା ପଢିବା ଉଚିତ୍ । ସାଧାରଣତଃ ଏହା ଫତଓା (ନିଷ୍ପତି) ଅଟେ କାରଣ ଏହା ସାଧାରଣ ସୁନ୍ନତ ନମାଜ ଠାରୁ ଭିନ୍ନ ଅଟେ । ଯାହାକି ନମାଜ ଜୁମାର ଗୁରୁତ୍ୱ ଦର୍ଶାଇଥାଏ । ମଣିଷ ଜୀବନରେ ବ୍ୟକ୍ତିଗତ,ସାମୁହିକ ପ୍ରତ୍ୟେକ ପ୍ରକାରର ଆନନ୍ଦ ଆସିଥାଏ ଏବଂ ସେ ଏହାର ପ୍ରକାଶ ମଧ୍ୟ କରିଥାଏ । କିନ୍ତୁ କେତେକ ଲୋକ ଏହାକୁ ଆଡମ୍ବର କରିବାରେ ବେଶ ଆଗକୁ ବଢିଯାଇଥାନ୍ତି ତ କେତେକ କମ୍ କରିଥାନ୍ତି । ହଜରତ ମସିହ ମଉଦ ଆ.ସ ଯେ ଆମକୁ ପ୍ରକୃତ ଇସଲାମୀୟ ଶିକ୍ଷା ସହ ଅବଗତ କରାଇ ଛୋଟରୁ ଛୋଟ ସାଂସାରିକ ଓ ଧାର୍ମିକ କଥାରେ ଆମ ମାର୍ଗ-ଦର୍ଶନ କରାଇଛନ୍ତି । ଯେପରି ଉପରେ ମୁଁ ନମାଜର ଚର୍ଚ୍ଚା କରିଆସିଲି । ବର୍ତମାନ କିଛି ସାଂସାରିକ ଆନନ୍ଦ ଉତ୍ସାହ ଅବସରରେ ଆମ୍ଭେ ତାହା କିଭଳି(ପାଳନ) କରିବା ଉଚିତ୍, ଏଥି ସମ୍ବନ୍ଧରେ ହଜରତ ମୁସଲେହ ମଉଦ ର.ଆ ହଜରତ ମସିହ ମଉଦ ଆ.ସ ଙ୍କ ମାଧ୍ୟମରେ ଶିକ୍ଷା ଦେଇ କୁହନ୍ତି- ହଜୁର ଆ.ସ (ଘର ବାହାରେ) ଦୀପ ଜଳାଇ ସୌନ୍ଦର୍ଯ୍ୟ କରିବାକୁ ବାରଣ କରି ନାହାନ୍ତି । ଆପଣ ନିଜେ ମହାରାଣୀ ଭିକ୍ଟୋରିଆଙ୍କ ଜୁବଲି ଅବସରରେ ଦୀପ ପ୍ରଜ୍ୱଳିତ କରିଥିଲେ । ହଜରତ ମସିହ ମଉଦ ଆ.ସ ଏହି ଅବସରରେ ଯେଭଳି ଅମଳ କରିଥିଲେ ତାହା ଶିକ୍ଷଣୀୟ,ଯେପରି ମୋମିନର ପ୍ରତ୍ୟେକ ହରକତରୁ କିଛି ନା କିଛି ଶିକ୍ଷା ମିଳିଥାଏ । ଦୀପ ଜାଳିବାରେ ଯଦି ବଡଧରଣର ଆୟୋଜନ କରାଯାଏ ଏବଂ ଏହା ପ୍ରତ୍ୟେକ ଘର ପାଇଁ ବାଧ୍ୟତାମୂଳକ କରାଯାଏ ତେବେ ସେଥିରେ ବେଶ ଅଧିକ ଖର୍ଚ୍ଚ ହୋଇଥାଏ ଏବଂ ଉପକାର ମଧ୍ୟ କିଛି ହୋଇନଥାଏ । ହଁ ଅବଶ୍ୟଏଥିରେ ରାଜନୈତିକ କିମ୍ବା ରାଷ୍ଟ୍ରୀୟ ଉପକାର ସାଧିତ ହୋଇଥାଏ, ତେବେ ଏପରି କଲେ କୌଣସି ଅସୁବିଧା ନାହିଁ । ଯେପରି ହଜରତ ଉମର ର.ଆ ଏକଦା ମସଜିଦ୍‌ରେ ଦୀପ ପ୍ରଜ୍ୱଳିତ କରିଥିଲେ । ମସଜିଦ ଏକ ଏପରି ସ୍ଥାନ ଯେଉଁଠାରେ ଅଧିକ ଆଲୋକ କରିବା ଦରକାର କାରଣ ସେଠାରେ ଲୋକ କୋରାନ ଓ ଅନ୍ୟାନ୍ୟ ଧର୍ମ ପୁସ୍ତକର ଅଧ୍ୟୟନ କରିଥାନ୍ତି । ତେଣୁ ହଜରତ ଉମର ର.ଆ ମସଜିଦ୍‌କୁ ଆଲୋକିତ କରିଥିଲେ । ନଚେତ୍  ଇସଲାମ ଆନନ୍ଦ ଉତ୍ସାହ ଆବସରରେ ଯେଉଁଥିରେ ଜଣେ ସାଧାରଣ ବ୍ୟକ୍ତିର ଅଧିକରୁ ଅଧିକ ଉପକାର ସାଧିତ ହୋଇଥାଏ, ସେଥିପ୍ରତି ଧ୍ୟାନ ଦେଇଥାଏ । ଉଦାହରଣସ୍ୱରୂପ ଇଦ୍‌ରେ କୁରବାନୀ କରିବାରେ ଉଦ୍ଦେଶ୍ୟ ଗରିବ ଲୋକମାନଙ୍କୁ ମାଂସ ପ୍ରଦାନ କରିବା । ପୁଣି ଇଦୁଲ ଫିତରର ଫିତରାନା ଗରିବ ଲୋକମାନଙ୍କୁ ସାହାଯ୍ୟ କରିବା । ଅତଏବ ଇସଲାମ ଯେଉଁ ସ୍ଥଳେ ଆନନ୍ଦ ଉଲ୍ଲାସ କରିବାର ଅନୁମତି ଦେଇଛି,ସେଠାରେ ତାହାକୁ ଏପରି ଭାବରେ ପାଳନ କରିବାର ନିର୍ଦ୍ଦେଶ ରହିଛି ଯେଉଁଥିରେ ଦେଶ ଓ ସର୍ବସାଧାରଣଙ୍କର ଅଧିକରୁ ଅଧିକ ଉପକାର ସାଧିତ ହେବ । କିନ୍ତୁ ଦୀପ ପ୍ରଜ୍ୱଳିତ କଲେ ସେଥିରେ କାହାର ଉପକାର ସାଧିତ ହୋଇନଥାଏ । ହଜରତ ମସିହ ମଉଦ ଆ.ସ ଙ୍କର ଏପରି କରିବାରେ କିଛି ରାଜନୈତିକ ଉଦ୍ଦେଶ୍ୟ ଥିଲା । ଏହିପରି ଆପଣ କେତେକ ସମୟରେ ପିଲାମାନଙ୍କୁ ବାଣ ଆଣି ଫୁଟାଇବାକୁ ଦିଅନ୍ତି । କାରଣ ସେଥିରେ ଗନ୍ଧକ ଥାଏ,ତାହା ଜଳିବା ଦ୍ୱାରା ପରିବେଶ ସ୍ୱଚ୍ଛ ହୋଇଥାଏ । ଏପରି ପିଲାମାନେ ମଧ୍ୟ ଆନନ୍ଦିତ ହେଲେ କୌଣସି ଅସୁବିଧା ନାହିଁ । ସେମାନଙ୍କର ମଧ୍ୟ କିଛି କାମନା,ଇଚ୍ଛା ରହିଛି । ଯାହାର ତିଳାଞ୍ଜଳି ଦେବା ଉଚିତ୍ ନୁହେଁ । ସେମାନେ ମଧ୍ୟ ବୁଝନ୍ତୁ ଯେ ସେମାନଙ୍କ ଖେଳକୁଦ ବୟସରେ ଇସଲାମ ଉଚିତ୍ ଆନନ୍ଦ ଉପଭୋଗ କରିବାକୁ ବାରଣ କରି ନାହିଁ ।  ଯେପରି ଦୀପ ଜାଳିବା,ବାଣ ଫୁଟାଇବା ଆଦି ଦ୍ୱାରା ଯେଉଁ ସ୍ଥାନରେ ସମଗ୍ର ଦେଶ ଆନନ୍ଦିତ ହୋଇଥାଏ, ସେଠାରେ ଆମମାନଙ୍କର ନିଜ ଦେଶ ସହିତ ଥିବା ସମ୍ପର୍କ ନିବିଡ ହେବା ସହ ପିଲାମାନେ ଆନନ୍ଦ ଉପଭୋଗ କରିଥାନ୍ତି । ସୁତରାଂ ସ୍ଥାନ କାଳ ଅନୁଯାୟୀ ନିଜ ସୀମାରେ ରହି ଯଦି କୌଣସି କାର୍ଯ୍ୟ କରାଯାଏ ତେବେ ସେଥିରେ କିଛି ଅସୁବିଧା ନାହିଁ । କିନ୍ତୁ ଏହା ସେମାନଙ୍କୁ ପିଲାଦିନୁ ଶିକ୍ଷା ଦେବା ଉଚିତ୍ ଯେ ଇସଲାମୀୟ ଶିକ୍ଷା ଅନୁଯାୟୀ ଆମକୁ ରଷ୍ଟ୍ରୀୟ ଓ ଧାର୍ମିକ ସୀମା ଭିତରେ ରହି କାର୍ଯ୍ୟ କରିବା ଉଚିତ୍ ।

*ଅବଶିଷ୍ଟାଂଶ ପୃଷ୍ଠା ନଂ-୭ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar at Fazle-Umar Printing Press, Harchowal Road, Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, P.O:Qadian Distt:Gsp-143516, Punjab.India.Editor: Qamarul Haque Khan